# ଶ୍ରମିକଶ୍ରେଣୀ କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେ ର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) ● ଓଡ଼ିଆ ମୁଖପତ୍ର - ପାକ୍ଷିକ ● ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦ ● ମୂଲ୍ୟ-୫ଟଙ୍କା।

VOL NO. - 13, ISSUE NO. - 32, DATE : 01.10.2026 - 15.10.2026 FORTNIGHTLY (ODIA), BHUBANESWAR. PAGES-08


# କେନ୍ଦ୍ର ବିଜେପି ସରକାର ଦ୍ୱାରା ଏମ୍ଏମ୍ଡିଆର ଆଇନ ସଂଶୋଧନ ପ୍ରତିବାଦରେ ଚାରିଟି ବାମପନ୍ଥୀ ଦଳ ପକ୍ଷରୁ ରାଜଧାନୀରେ ବିକ୍ଷୋଭ

କେନ୍ଦ୍ର ବିଜେପି ସରକାର ଦ୍ୱାରା ପ୍ରଣୀତ ସଂଶୋଧିତ ଖଣି ଓ ଖଣିଜ(ବିକାଶ ଓ ନିୟନ୍ତ୍ରଣ) ଆଇନ ୨୦୨୬ (ଏମ୍ଏମ୍ଡିଆର ଆଇନ-୨୦୨୬)କୁ ତୁରନ୍ତ ପ୍ରତ୍ୟାହାର କରିବା, ରାଜ୍ୟର ଖଣି ରାଜସ୍ୱ ଓ କର ଆଦାୟର ସାମ୍ବିଧାନିକ ଅଧିକାର ସୁରକ୍ଷା ପ୍ରଦାନ କରିବା, ଓଡ଼ିଶାର ବକେୟା ଖଣି, ରାଜସ୍ୱ ଆଦାୟ ଅଧିକାରକୁ ସୁରକ୍ଷା ଦେବା, କ୍ୟାପ୍ଟିଭ ଖଣିଜର ବାଣିଜ୍ୟିକ ବିକ୍ରି କରିବା ନୀତିକୁ ରଦ୍ଦ କରିବା, ଖଣି ଅଂଚଳର ବିସ୍ତାର କ୍ଷେତ୍ରରେ ଗ୍ରାମ ସଭା, ଆଦିବାସୀଙ୍କ ଅଧିକାର, ଜଙ୍ଗଲ ଅଧିକାର ଓ ପରିବେଶ ଆଇନର ସମସ୍ତ ସୁରକ୍ଷା ଅକ୍ଷୁର୍ଣ୍ଣ ରଖିବା, ଆଦିବାସୀ ଓ ସ୍ଥାନୀୟ ଲୋକଙ୍କ ଜମି, ଜଙ୍ଗଲ, ଜଳ ଓ ଜୀବିକାର ଅଧିକାର ସୁରକ୍ଷିତ କରିବା, ନୂଆ ଖଣି ଖୋଲିବା ଉପରେ ରୋକ ଲଗାଇ ପୂର୍ବରୁ ଖୋଲାଯାଇଥିବା ଖଣିଗୁଡ଼ିକର ସାମାଜିକ, ଆର୍ଥିକ ଓ ପରିବେଶଗତ ସମୀକ୍ଷା କରିବା ଆଦି ଦାବିରେ ଏସ୍ୟୁସିଆଇ(କମ୍ୟୁନିଷ୍ଟ), ସିପିଆଇ(ଏମ୍ଏଲ୍)-ରେଡଷ୍ଟାର, ସିପିଆଇ(ଏମ୍ଏଲ୍), ସିପିଆଇ




(ଏମ୍ଏଲ୍) ନ୍ୟୁ ଡେମୋକ୍ରାସୀ ଦଳ ମାନଙ୍କର ମିଳିତ ଉଦ୍ୟୋଗରେ ସେପ୍ଟେମ୍ବର ୧୦ ତାରିଖରେ ରାଜ୍ୟ ସଚିବାଳୟ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି ।

ବିକ୍ଷୋଭ ସ୍ଥଳରେ ଏସ୍ୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ ଅଫିସ ସଂପାଦିକା କମ୍ରେଡ୍ ସ୍ୱୟଂପ୍ରଭା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଏସ୍ୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ୍ ଛବି ମହାନ୍ତି, ବିଶ୍ୱାବସୁ ଦାସ, କ୍ଷୀରୋଦ କର, ସିପିଆଇ(ଏମ୍ଏଲ୍)-ରେଡଷ୍ଟାର ପକ୍ଷରୁ କମ୍ରେଡ୍ ପ୍ରମିଳା, କମ୍ରେଡ୍ ହେନା, କମ୍ରେଡ ପଦ୍ମନାଭ ମାର୍ଥା, ସିପିଆଇ(ଏମ୍ଏଲ୍) ପକ୍ଷରୁ କମ୍ରେଡ୍ ବାସୁଦେବ ଦାସ, କମ୍ରେଡ୍ ମୋହନ ନାଇଡୁ, କମ୍ରେଡ୍ ବଟକୃଷ୍ଣ ସ୍ୱାଇଁ, ସିପିଆଇ(ଏମ୍ଏଲ୍) ନ୍ୟୁ ଡେମୋକ୍ରାସୀ ପକ୍ଷରୁ କମ୍ରେଡ୍ ପ୍ରତାପ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବକ୍ତାମାନେ କହିଥିଲେ ଯେ ଏମ୍ଏମ୍ଡିଆର ଆଇନ ଖଣିଜ ସମ୍ପଦ ଉପରେ କେନ୍ଦ୍ରର ନିୟନ୍ତ୍ରଣ ବଢ଼ାଇବା ସହ ବଡ଼ କର୍ପୋରେଟ୍ମାନଙ୍କୁ ଅଧିକ ସୁଯୋଗ ଦେବ। ଏହା ରାଜ୍ୟର ସାମ୍ବିଧାନିକ ଓ ଆର୍ଥିକ ଅଧିକାରକୁ ସଙ୍କୁଚିତ କରିବା ସହ ଆଦିବାସୀ, ଗ୍ରାମସଭା ଓ ଜଙ୍ଗଲ ନିର୍ଭର ଲୋକଙ୍କ ଅଧିକାରକୁ ବିପଦରେ ପକାଇବ। ସୁପ୍ରିମ କୋର୍ଟଙ୍କ ରାୟ ଅନୁଯାୟୀ ଓଡ଼ିଶା ପିଛିଲା ଖଣିଜ କର ବକେୟା ବାବଦରେ ପ୍ରାୟ ୧ ଲକ୍ଷ କୋଟିରୁ ଅଧିକ ରାଜସ୍ୱ ହରାଇବା ସହ ଆଗାମୀ ଦିନରେ ପ୍ରତିବର୍ଷ ପ୍ରାୟ ୧୨,୦୦୦ କୋଟି ରାଜସ୍ୱ ହରାଇବାର ଆଶଙ୍କା ରହିଛି । ଏଥିସହ ଖଣିଜ ଅଧିକାର ଓ ଖଣିଜ ସଂପଦ ଥିବା ଭୂମି ଉପରେ ରାଜ୍ୟର ଅଧିକାର ମଧ୍ୟ ସଙ୍କୁଚିତ ହେବ ।

ଏଠାରେ ସୂଚନାଯୋଗ୍ୟ ଏହି ଚାରିଟି ବାମପନ୍ଥୀ ଦଳ ପକ୍ଷରୁ ସେପ୍ଟେମ୍ବର ୧ରୁ୧୦ ତାରିଖ ମଧ୍ୟରେ ରାଜ୍ୟର ବହୁ ଅଂଚଳରେ ଏହି ଆଇନକୁ ବିରୋଧ କରି ହଜାର ହଜାର ଜନସାଧାରଣ ପ୍ରତିବାଦ ଆନ୍ଦୋଳନ ସଂଗଠିତ କରିଛନ୍ତି। ସେହି କ୍ରମରେ ରାଜ୍ୟ ରାଜଧାନୀରେ ଚାରିଟି ବାମ ଦଳ ଉଦ୍ୟୋଗରେ ଏହି ବିକ୍ଷୋଭ ପ୍ରତିବାଦ ସଭା ରାଜଧାନୀ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଛି ।

★★★

# ପ୍ରଧାନମନ୍ତ୍ରୀଙ୍କର ପ୍ରତାରଣାପୂର୍ଣ୍ଣ ଜିଡିପି କାହାଣୀ

ନିକଟ ଅତୀତରେ ଦିଲ୍ଲୀର ଜନ୍ତର ମନ୍ତର ଓ ଦେଶର ବିଭିନ୍ନ ସ୍ଥାନରେ ଯୁବ-ଛାତ୍ର ଆନ୍ଦୋଳନ ଓ ଆନ୍ଦୋଳନକୁ ଦମନ କରିବାକୁ ସରକାରଙ୍କ ମାତ୍ରାଧିକ ବଳପ୍ରୟୋଗ ଏବଂ ତା'ର ଫଳଶ୍ରୁତିରେ ବାଧ୍ୟ ହୋଇ ଜଣେ କ୍ୟାବିନେଟ ମନ୍ତ୍ରୀ ଇସ୍ତଫା ଦେବା ଘଟଣା, କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର ଜନ ସାଧାରଣଙ୍କ ଆଖିରେ ଅପାରଗ ଓ ନିନ୍ଦିତ ବୋଲି ପ୍ରତିପାଦିତ ହୋଇ ସାରିଛନ୍ତି । ପ୍ରଧାନମନ୍ତ୍ରୀ ଓ ବିଜେପିର ପ୍ରଚାରଯନ୍ତ୍ର ଯୁବ-ଛାତ୍ରମାନଙ୍କର ନ୍ୟାଯ୍ୟ ଆନ୍ଦୋଳନ ସାମ୍ନାରେ ସମ୍ପୂର୍ଣ୍ଣ ଅସଫଳ ସାବ୍ୟସ୍ତ ହୋଇଛି । ଯେହେତୁ ବିଜେପି ଦଳ ତା'ର ପୁଞ୍ଜିପତି ତୋଷଣ ନୀତିରୁ ଜନସାଧାରଣଙ୍କ ଦୃଷ୍ଟି ଏଡେଇବାକୁ ତା'ର ବିଶାଳ ପ୍ରଚାରଯନ୍ତ୍ର - ବିଶେଷ କରି ସାମାଜିକ ଗଣମାଧ୍ୟମ ଓ ମୁଖ୍ୟଧାରାର ବଚସ୍କର ଗଣମାଧ୍ୟମକୁ ଆୟୁଧ ଭାବେ ବ୍ୟବହାର କରେ, ଏହି ମାଧ୍ୟମଗୁଡିକର ଅସଫଳତା ଶାସକ ଦଳ ଓ ଏହାର ସର୍ବମୟ କର୍ତା ଓ ପ୍ରଚାରଜୀବୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିଚଳିତ କରିବା ସ୍ୱାଭାବିକ ଏବଂ ସେଇଥିପାଇଁ ପ୍ରଧାନମନ୍ତ୍ରୀ ବିକଳ ହୋଇ ରାତିଅଧିଆ ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରିବାର ହାସ୍ୟାସ୍ପଦ ଅବସ୍ଥା ଦେଖିବାକୁ ମିଳୁଛି ।

ଏହି କ୍ରମରେ ପ୍ରଧାନ ମନ୍ତ୍ରୀ ହଠାତ ସାମାଜିକ ଗଣମାଧ୍ୟମରେ ଦେଶର ଜନସାଧାରଣଙ୍କୁ ଅଭିନନ୍ଦନ ଜଣେଇଛନ୍ତି । ବଧେଇ ଦେବାର କାରଣ, ଚଳିତ ଆର୍ଥିକ ବର୍ଷର ଏପ୍ରିଲ ଠାରୁ ଜୁନ ଭିତରେ ଭାରତର ଜିଡିପିର ଅଭିବୃଦ୍ଧିର ହାର କୁଆଡେ ୭.୮% ହେଇଥିବାର ଆକଳନ କରାଯାଇଛି । ପୂର୍ବରୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଏହି ଅଭିବୃଦ୍ଧି ୭.୨% ହେବ ବୋଲି ଭବିଷ୍ୟବାଣୀ କରିଥିଲା । ଆଜି କେନ୍ଦ୍ରରେ ବିଜେପି ସରକାର ନା ଯୁବ-ଛାତ୍ରମାନଙ୍କୁ ସାମ୍ନା କରିପାରୁଛି ନା ବିରୋଧୀ ଦଳର ପ୍ରଶ୍ନସବୁର ଉତ୍ତର ଦେଇ ପାରୁଛି । ପରିସ୍ଥିତି ଏମିତି ହେଇଛି ଯେ ପାର୍ଲିଆମେଣ୍ଟ ଅଧିବେଶନରେ ପ୍ରଧାନ ମନ୍ତ୍ରୀ ଏବଂ ବିଜେପିର ତଥାକଥିତ ଦ୍ୱିତୀୟ ଶକ୍ତିଶାଳୀ ନେତା ଗୃହମନ୍ତ୍ରୀ ଅମିତ ଶାହା ପାର୍ଲିଆମେଣ୍ଟ ଗୃହରେ ଉପସ୍ଥିତ ହେବାର ସାହସ ଜୁଟେଇ ପାରିଲେ ନାହିଁ । ସେଇଥିପାଇଁ ଏହି ଜିଡିପିର ଅଭିବୃଦ୍ଧି ହାରର ଭେଳିକି ଖୋଦ ପ୍ରଧାନମନ୍ତ୍ରୀଙ୍କୁ ଦେବାକୁ ପଡିଲା ।

### ଜିଡିପି ଓ ହାରାହାରିର ଭେଳିକି

ଏହି ଜିଡିପି ବସ୍ତୁଟି କ'ଣ ? ପ୍ରଧାନମନ୍ତ୍ରୀଙ୍କ ଦେଶର ଜନସାଧାରଣଙ୍କୁ ଅଭିନନ୍ଦନ ବାର୍ତାର ଅସାରତା ବୁଝିବାକୁ ହେଲେ ଜିଡିପି ବିଷୟରେ ମୋଟାମୋଟି ଏକ ଧାରଣା ରହିବା ଦରକାର । ଜାତୀୟ/ରାଷ୍ଟ୍ରୀୟ ଉତ୍ପାଦନ

*(ଅବଶିଷ୍ଟାଂଶ ୫ମ ପୃଷ୍ଠାରେ)*

# ସମସ୍ତ ଗଣତାନ୍ତ୍ରିକ ରୀତି ନୀତି ଉଲ୍ଲଂଘନ କରିଥିବାରୁ ମୁଖ୍ୟ ନିର୍ବାଚନ କମିଶନଙ୍କୁ ତୁରନ୍ତ ବହିଷ୍କାର କରିବା ଓ ଏସ୍ଆଇଆର ପ୍ରକ୍ରିୟାକୁ ତୁରନ୍ତ ବନ୍ଦ କରିବାପାଇଁ

## ଏସ୍ୟୁସିଆଇ(କମ୍ୟୁନିଷ୍ଟ)ର ଦୃଢ ଦାବି

**ଉପରୋକ୍ତ ପ୍ରସଙ୍ଗରେ ଏସୟୁସିଆଇ (କମ୍ୟୁନିଷ୍ଟ) ସାଧାରଣ ସମ୍ପାଦକ କମ୍ରେଡ୍ ପ୍ରଭାସ ଘୋଷ ସେପ୍ଟେମ୍ବର ୨୩ ତାରିଖରେ ନିମ୍ନଲିଖିତ ବିବୃତି ଜାରି କରିଛନ୍ତି -**

ସେପ୍ଟେମ୍ବର ୨୩, ୨୦୨୬ ରେ ଦୈନିକ ଖବର କାଗଜ 'ଦି ଇଣ୍ଡିଆନ୍ ଏକ୍ସପ୍ରେସ୍' (The Indian Express)ରେ ଏସଆଇଆର(SIR) ସମ୍ପର୍କରେ ପ୍ରକାଶିତ ତଥ୍ୟ, ସାଧାରଣ ଜନତା ଏବଂ ବିଶେଷ କରି ଗଣତାନ୍ତ୍ରିକ ମନୋଭାବାପନ୍ନ ନାଗରିକ ମାନଙ୍କ ମନରେ ନିର୍ବାଚନ ଆୟୋଗଙ୍କ ନିରପେକ୍ଷତା ଓ ସଚ୍ଚୋଟତା ସଂପର୍କରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଏହା ସ୍ପଷ୍ଟ ଭାବେ ପ୍ରମାଣିତ କରୁଛି ଯେ ତିନି ଜଣ ନିର୍ବାଚନ କମିଶନରଙ୍କ ମଧ୍ୟରୁ ଦୁଇ ଜଣ ଏସଆଇଆର(SIR)ର ବିଭିନ୍ନ ଦିଗ ଉପରେ ନିଜ ନିଜର ଭିନ୍ନମତ ପ୍ରକାଶ କରିଥିଲେ । ମାତ୍ର ପ୍ରଚଳିତ ଆଇନକୁ ଉଲ୍ଲଂଘନ କରି, ମୁଖ୍ୟ ନିର୍ବାଚନ କମିଶନର ଶ୍ରୀ ଜ୍ଞାନେଶ କୁମାର, କ୍ଷମତାସୀନ ଦଳ ବିଜେପିକୁ ଫାଇଦା ପହଁଚାଇବା ଏବଂ ବିଭିନ୍ନ ରାଜ୍ୟରେ ଏହି ଦଳର ନିର୍ବାଚନୀ ବିଜୟକୁ ସୁନିଶ୍ଚିତ କରିବା ପାଇଁ ଏକତରଫା ଭାବେ ସମସ୍ତ ନିଷ୍ପତ୍ତି ନେଇଛନ୍ତି । ଏହା ନିଶ୍ଚିତ ଭାବେ ଆମର ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକ ଉପରେ ଏକ ଫାସିବାଦୀ ଆକ୍ରମଣ ।

ଏହି ପରିସ୍ଥିତିରେ,ମୁଖ୍ୟ ନିର୍ବାଚନ କମିଶନର(CEC) ଶ୍ରୀ ଜ୍ଞାନେଶ କୁମାରଙ୍କୁ ତୁରନ୍ତ ବହିଷ୍କାର କରିବା, ସମଗ୍ର ଏସଆଇଆର(SIR) ପ୍ରକ୍ରିୟାକୁ ତୁରନ୍ତ ରଦ୍ଦ କରିବା ଓ ଏସଆଇଆର(SIR) ଜରିଆରେ ସମଗ୍ର ଦେଶରେ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ୧୩ କୋଟି ଭୋଟରଙ୍କ ନାମ ପୁନର୍ବାର ତାଲିକାଭୁକ୍ତ କରିବାପାଇଁ ଦଳ ପକ୍ଷରୁ ଦୃଢ଼ ଦାବି କରାଯାଇଛି ।

## ଭିତର ପୃଷ୍ଠାରେ


★ କମ୍ରେଡ୍ ରବୀନ ସମାଜପତି ପାର୍ଟି କମ୍ରେଡ୍ ମାନଙ୍କ ମନରେ ଗଭୀର ଛାପ ରଖିଯାଇଛନ୍ତି ।

★ କେନ୍ଦ୍ର ବିଜେପି ସରକାର ଦ୍ୱାରା ଏମ୍ଏମ୍ଡିଆର ଆଇନ ସଂଶୋଧନ ପ୍ରତିବାଦରେ ଚାରିଟି ବାମପନ୍ଥୀ ଦଳ ପକ୍ଷରୁ ରାଜଧାନୀରେ ବିକ୍ଷୋଭ ।

# କମ୍ରେଡ୍ ରବୀନ ସମାଜପତି ପାର୍ଟି କମ୍ରେଡ୍ ମାନଙ୍କ ମନରେ ଗଭୀର ଛାପ ରଖିଯାଇଛନ୍ତି - କମ୍ରେଡ୍ ପ୍ରଭାସ ଘୋଷ

[ଏସ୍ୟୁସିଆଇ(କମ୍ୟୁନିଷ୍ଟ)ର ପଲିଟିବ୍ୟୁରୋ ସଦସ୍ୟ, ଝାଡଖଣ୍ଡ ରାଜ୍ୟ ସାଂଗଠନିକ କମିଟିର ସମ୍ପାଦକ କମ୍ରେଡ୍ ରବୀନ୍ ସମାଜପତି ଗତ ୨୬ ଜୁନ୍ ୨୦୨୬ମସିହାରେ ମସ୍ତିଷ୍କରେ ରକ୍ତ କ୍ଷରଣ ଯୋଗୁଁ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କର ସ୍ମୃତିରେ ଗତ ଜୁଲାଇ ୩ ତାରିଖ ଦିନ ହାଓଡାର ଶରତ ସଦନରେ କେନ୍ଦ୍ରୀୟ କମିଟି ସଭ୍ୟ କମ୍ରେଡ୍ ସ୍ୱପନ ଚାଟାର୍ଜୀଙ୍କ ସଭାପତିତ୍ୱରେ ଏକ ସ୍ମରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ଦଳର ସାଧାରଣ ସମ୍ପାଦକ କମ୍ରେଡ୍ ପ୍ରଭାସ ଘୋଷ। ତାଙ୍କ ଦ୍ୱାରା ପ୍ରଦ ବକ୍ତବ୍ୟର ଓଡିଆ ଅନୁବାଦ ଆମେ ପ୍ରକାଶ କରୁଛୁ।]

**କମ୍ରେଡ୍ ସଭାପତି ଏବଂ କମ୍ରେଡ୍ସ୍,**

କମ୍ରେଡ୍ ରବୀନ ସମାଜପତିଙ୍କର ପ୍ରତିକୃତିରେ ମାଲ୍ୟାର୍ପଣ, ତାଙ୍କର ସ୍ମରଣ ସଭାରେ କିଛି କହିବା ମୋ ପକ୍ଷରେ ଖୁବ କଷ୍ଟଦାୟକ, ଖୁବ ବେଦନାଦାୟକ। ତାଙ୍କ ରାଜନୈତିକ ଜୀବନର ସୂଚନାର ପ୍ରଥମ ଦିନରୁ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କ ସହିତ ମୋର ଖୁବ ଗଭୀର ଓ ଘନିଷ୍ଠ ସମ୍ପର୍କ ଥିଲା। ତା ସତ୍ତ୍ୱେ ବି ଯେତେ କଷ୍ଟକର ହେଉ ପଛେ ମୋତେ ହିଁ ତ କହିବାକୁ ହେବ। ଆପଣମାନେ ଜାଣନ୍ତି, କୌଣସି କମ୍ରେଡ୍‌ଙ୍କର ସ୍ମରଣ ସଭା କରିବା, ତାଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ କରିବା, ଆମ ନିକଟରେ ନିଚ୍ଛକ ଏକ ଆନୁଷ୍ଠାନିକ ବ୍ୟାପାର ନୁହେଁ। ଯିଏ ପ୍ରୟାତ ହୁଅନ୍ତି, ଆମ ନିକଟରୁ ତାଙ୍କର ଆଉ କିଛି ନେବାର ନଥାଏ, ମାତ୍ର ଯେଉଁମାନେ ଏବେ ବି ଜୀବିତ, ସେମାନଙ୍କର ତାଙ୍କ ନିକଟରୁ ନେବାର ଥାଏ। ତାଙ୍କ ସ୍ମରଣ ସଭାର ମୂଳ ଉଦ୍ଦେଶ୍ୟ ହେଲା, ସେହି ପ୍ରୟାତ ନେତାଙ୍କ ପ୍ରତି ଶ୍ରଦ୍ଧା ଜ୍ଞାପନ କରିବାକୁ ଯାଇ ଆମେ ତାଙ୍କର ବିପ୍ଳବୀ ଜୀବନରୁ କ'ଣ ଶିଖିପାରିଲୁ। ଆମେ ସମସ୍ତେ ହିଁ ମହାନ୍ ମାର୍କ୍ସବାଦୀ ଚିନ୍ତାନାୟକ କମ୍ରେଡ୍ ଶିବଦାସ ଘୋଷଙ୍କ ଛାତ୍ର। ଆମ୍ଭେମାନେ ଯେତିକି ବି ବିପ୍ଳବୀ ରାଜନୈତିକ ଚେତନା, ଚାରିତ୍ରିକ ବୈଶିଷ୍ଟ୍ୟ ଯୋଗ୍ୟତା, କ୍ଷମତା, ଦକ୍ଷତା ଅର୍ଜନ କରି ପାରିଛୁ, ସବୁ କିଛି ହିଁ ନିର୍ଭର କରେ ଆମେ କେତେ ନିଜ ଜୀବନରେ କମ୍ରେଡ୍ ଶିବଦାସ ଘୋଷଙ୍କ ଶିକ୍ଷାକୁ ଗ୍ରହଣ କରିପାରିଛୁ, ଉପଲବ୍ଧ କରି ପାରିଛୁ ଏବଂ ଆମ ଜୀବନରେ ତାର ରୂପାନ୍ତର ଘଟାଇ ପାରିଛୁ। କାରଣ ଆମେ ଯେଉଁ ସମାଜରେ ବାସ କରୁ, ଯେଉଁ ପରିବେଶରେ ଆମେ ଲାଳିତ ପାଳିତ ହେଉ, ତାହା ସର୍ବହରା ବିପ୍ଳବୀ ଭାବେ ଗଢି ଉଠିବାର ପରିବେଶ ନୁହେଁ। ପାରିବାରିକ ପ୍ରୟୋଜନ, ବ୍ୟକ୍ତିଗତ ସ୍ୱାର୍ଥ, ଭଲ ଲାଗିବା-ମନ୍ଦଲାଗିବା, ଚାହିଁବା-ପାଇବା ଆଦିକୁ କେନ୍ଦ୍ରକରି ଆମର ଜୀବନ ଗଢି ଉଠେ। କୌଣସି ଜଣେ ମହାନ ନେତାଙ୍କ ସଂସ୍ପର୍ଶରେ ଆମେ ଯେତେବେଳେ ଆସୁ, ଗୋଟିଏ ବିପ୍ଳବୀ ଦଳ ସଂସ୍ପର୍ଶରେ ଆସୁ ସେତେବେଳେ ଆମ ମଧ୍ୟରେ ଏକ ନୂତନ ଚିନ୍ତା ଚେତନାର ଉଦୟ ହୁଏ। ଏହି ଚିନ୍ତା ଶିକ୍ଷାର ଭିତ୍ତିରେ ଆମେ କେତେ ସଂଗ୍ରାମ କରି ପାରିଛୁ, ସେହି ଶିକ୍ଷା ଆମେ କେତେ ଗ୍ରହଣ କରି ପାରିଛୁ, ତାହା ଉପରେ ହିଁ ନିର୍ଭର କରେ ଆମେ କିଏ କେତେ ବିପ୍ଳବୀ ଚରିତ୍ର ଅର୍ଜନ କରି ପାରିଛୁ। ଫଳରେ ଏହି ସଂଗ୍ରାମ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷକଙ୍କ ଶିକ୍ଷାକୁ ଗ୍ରହଣ କରି ଆମେ ନିଜକୁ ପରିବର୍ତ୍ତନ କରିବା ପାଇଁ କେତେ ବିରାମହୀନ ସଂଗ୍ରାମ କରିପାରୁଛୁ, କେତେ ଆପୋଷହୀନ ସଂଗ୍ରାମ କରିପାରୁଛୁ, ଜୀବନର ସମସ୍ତ କ୍ଷେତ୍ରରେ ହିଁ କେତେ ସଂଗ୍ରାମ କରିପାରୁଛୁ ତା' ଉପରେ ହିଁ ନିର୍ଭର କରୁଛି କିଏ କେତେ ଯୋଗ୍ୟତା-କ୍ଷମତା ଅର୍ଜନ କରି ପାରୁଛି। ଏହି ଲଢେଇ ଜୀବନର ଶେଷ ଦିନ ପର୍ଯ୍ୟନ୍ତ ଅବ୍ୟାହତ ରହେ। ଏଠାରେ କାହାର କେତେବେଳେ ଅଗ୍ରଗତି ଘଟେ, ପୁଣି କେତେବେଳେ କିଏ କେଉଁଠି ଅଟକି ଯାନ୍ତି। ପୁଣି କେତେବେଳେ କିଏ ପଛକୁ ହଟି ଯାଇଥାନ୍ତି, ପୁଣି ବା କିଏ କେତେବେଳେ ସେମାନଙ୍କର ସୀମାବଦ୍ଧତାଗୁଡ଼ିକୁ ଅତିକ୍ରମ କରି ଅଗ୍ରଗତି କରିଥାନ୍ତି। କମ୍ରେଡ୍ ରବୀନ୍ ସମାଜପତିଙ୍କ କ୍ଷେତ୍ରରେ ମୁଁ କହିପାରେ, ତାଙ୍କର ସଂଗ୍ରାମ କ୍ରମାଗତ ଅଗ୍ରଗତିର ସଂଗ୍ରାମ। ତେବେ ତାଙ୍କର ଯେ କୌଣସି ତ୍ରୁଟି ନଥିଲା, ଏହା ମୁଁ କହିପାରିବି ନାହିଁ। ସମସ୍ତଙ୍କର ହିଁ କିଛି ନା କିଛି ତ୍ରୁଟି ସୀମାବଦ୍ଧତା ଥାଏ, ବଡ ମଣିଷମାନଙ୍କର ମଧ୍ୟ ଥାଏ। କମ୍ରେଡ୍ ଶିବଦାସ ଘୋଷ ଆମମାନଙ୍କୁ ଏହି ଶିକ୍ଷା ଦେଇଯାଇଛନ୍ତି। ସୀମାବଦ୍ଧତାଗୁଡ଼ିକୁ ମୁଁ କେତେ ଅତିକ୍ରମ କରି ପାରିଛି, ଏଗୁଡ଼ିକୁ କେତେ ପଛରେ ପକାଇ ଆଗେଇଯାଇ ପାରିଛି, ତାହାରି ଉପରେ ହିଁ ନିର୍ଭର କରେ ମୋର କେତେ ଅଗ୍ରଗତି ଘଟିଛି। କମ୍ରେଡ୍ ରବୀନ ସମାଜପତିଙ୍କ କ୍ଷେତ୍ରରେ ମୁଁ କହିପାରେ, ଯେତେବେଳେ ହିଁ କୌଣସି ବିଷୟରେ ଏପରିକି ଖୁବ୍ କଠିନ୍ ବିଷୟ ସଂପର୍କରେ ଦଳ ନିକଟରୁ ଯୁକ୍ତି ଦ୍ୱାରା ବୁଝିଛନ୍ତି, ତା' ପରଠାରୁ ଶେଷ ଦିନ ପର୍ଯ୍ୟନ୍ତ ନିର୍ଦ୍ୱିଧାରେ ନିଜକୁ ପରିବର୍ତ୍ତନ କରିବା ନିମନ୍ତେ ଆପୋଷହୀନ ସଂଗ୍ରାମ କରିଯାଇଛନ୍ତି। ସଂଗ୍ରାମ ପଥରେ କେତେବେଳେ ଭୁଲ ହୋଇଛି, କେତେବେଳେ ବା ବ୍ୟର୍ଥ ହୋଇଛନ୍ତି, କିନ୍ତୁ ନେତାମାନଙ୍କ ନିକଟରେ ନିର୍ଦ୍ୱିଧାରେ ସମସ୍ତ ବିଷୟ ବ୍ୟକ୍ତ କରିଛନ୍ତି। ତାଙ୍କର ବିପ୍ଳବୀ ଜୀବନର ଚାରିତ୍ରିକ ବୈଶିଷ୍ଟ୍ୟର କିଛି ଦିଗ ଶ୍ରଦ୍ଧାର୍ଘ୍ୟରେ ବର୍ଣ୍ଣିତ ହୋଇଛି। ଆଜି ସଭାର ସଭାପତି, ଦଳର କେନ୍ଦ୍ରୀୟ କମିଟି ସଭ୍ୟ କମ୍ରେଡ୍ ସ୍ୱପନ ଚାଟାର୍ଜୀ ମଧ୍ୟ କେତେକ ବିଷୟ ତାଙ୍କ ବକ୍ତବ୍ୟରେ କହିଛନ୍ତି। ତାଙ୍କ ସମ୍ପର୍କରେ ମୋର ନିଜର ଯେଉଁ ଉପଲବ୍ଧି ରହିଛି, ପଶ୍ଚିମବଙ୍ଗ, ବିହାର, ଝାଡଖଣ୍ଡ ରାଜ୍ୟରେ ତାଙ୍କ ସଂସ୍ପର୍ଶରେ ଆସିଥିବା କମ୍ରେଡ୍‌ମାନଙ୍କ ନିକଟରୁ ଯାହା ଜାଣିବାକୁ ପାଇଛି ଏବଂ ମୋର ଉପଲବ୍ଧି ସହିତ ଯେଉଁଗୁଡ଼ିକର ସାମଞ୍ଜସ୍ୟ ଅଛି, ସେଗୁଡ଼ିକୁ ଭିତ୍ତିକରି ମୁଁ କିଛି ବିଷୟ ଆପଣମାନଙ୍କ ସମ୍ମୁଖରେ ରଖିବି।



ଯେଉଁ ସମୟରେ କମ୍ରେଡ୍ ରବୀନ ସମାଜପତି ଦଳ ସହିତ ଯୁକ୍ତ ହୁଅନ୍ତି, ସେହି ସମୟରେ ଏବଂ ଏକା ସାଙ୍ଗରେ କେନ୍ଦ୍ରୀୟ କମିଟି ସଦସ୍ୟ କମ୍ରେଡ୍ ଚିରରଞ୍ଜନ ଚକ୍ରବର୍ତ୍ତୀ ମଧ୍ୟ ଯୁକ୍ତ ହୁଅନ୍ତି। ଏହି ଦୁଇ ଜଣ ହିଁ କଲେଜରେ ଘନିଷ୍ଠ ବନ୍ଧୁ ଥିଲେ। ପରେ ଦଳରେ କମ୍ରେଡ୍ ହେଲେ। ସେମାନେ ଯୁକ୍ତ ହେବା ସମୟରେ ଆନ୍ତର୍ଜାତିକ କ୍ଷେତ୍ରରେ ସମାଜତାନ୍ତ୍ରିକ ବ୍ୟବସ୍ଥା ପ୍ରତିଷ୍ଠିତ ଥିଲା। ଚୀନରେ ମହାନ୍ ମାଓ-ସେତୁଙ୍ଗ ସମାଜତନ୍ତ୍ରକୁ ରକ୍ଷା କରିବା ପାଇଁ ଏକ ଐତିହାସିକ ସଂଗ୍ରାମ ପରିଚାଳନା କରୁଥିଲେ। ଭିଏତ୍‌ନାମର ମୁକ୍ତି ସଂଗ୍ରାମ ମଧ୍ୟ ସାଫଲ୍ୟ ପଥରେ ଅଗ୍ରସର ହେଉଥିଲା। ସେତେବେଳେ ମାର୍କିନ୍ ସାମ୍ରାଜ୍ୟବାଦ ପଛକୁ ହଟୁଥିଲା। ଭାରତବର୍ଷରେ କେନ୍ଦ୍ରରେ ଏବଂ ବହୁ ରାଜ୍ୟରେ କଂଗ୍ରେସ ଦଳ କ୍ଷମତାରେ ଥିଲା। ସେତେବେଳେ ବର୍ତ୍ତମାନର ବିଜେପି ଦଳର ପୂର୍ବସୂରୀ ଜନସଂଘର ଶକ୍ତି ଥିଲା ଅତି ସାମାନ୍ୟ। ଭାରତବର୍ଷର ଶିକ୍ଷିତ ଲୋକମାନେ କମ୍ୟୁନିଜିମ୍ ପ୍ରତି, ମାର୍କ୍ସବାଦ ପ୍ରତି ଆବେଗର ସହିତ ଆକର୍ଷିତ ହେଉଥିଲେ। ପଶ୍ଚିମବଙ୍ଗରେ ବାମପନ୍ଥୀ ଆନ୍ଦୋଳନର ଜୁଆର ବୋହୁଥିଲା। ଏହିଭଳି ଏକ ସମୟରେ ଗୋଟିଏ କମ୍ୟୁନିଷ୍ଟ ପାର୍ଟିରେ ଯୁକ୍ତ ହେବାର ଆକାଂକ୍ଷା ନେଇ କମ୍ରେଡ୍ ରବୀନ୍ ସମାଜପତି ଏବଂ କମ୍ରେଡ୍ ଚିରରଞ୍ଜନ ଚକ୍ରବର୍ତ୍ତୀ ନିଜ ନିଜ ମଧ୍ୟରେ ଆଲୋଚନା କରନ୍ତି। ସେଦିନ ଆଜି ଭଳି ଆମ ପାର୍ଟିର ଏତେ ପରିଚିତି ନଥିଲା। ୧୯୫୪ ମସିହାରେ ଆମର ଛାତ୍ର ସଂଗଠନ ଏଆଇଡିଏସ୍ଓ ପ୍ରତିଷ୍ଠିତ ହୋଇଥିଲା। ଏହି ସମୟରେ ସମଗ୍ର ରାଜ୍ୟରେ ଅବିଭକ୍ତ ସିପିଆଇର ଛାତ୍ର ସଂଗଠନ ଏଆଇଏସ୍ଏଫ୍ ଏବଂ କିଛି ଦିନ ପରେ ସିପିଆଇ(ଏମ୍)ର ଛାତ୍ର ସଂଗଠନ ଏସ୍ଏଫ୍ଆଇ ଅତ୍ୟନ୍ତ ଶକ୍ତିଶାଳୀ ସଂଗଠନ ଥିଲା। ଏହି ଅବସ୍ଥାରେ ହିଁ ୧୯୫୬ ମସିହାରେ ଆମେ ଆଶୁତୋଷ କଲେଜର ଛାତ୍ର ସଂସଦ ନିର୍ବାଚନରେ ଜୟଲାଭ କରୁ ଏବଂ ସେଠାରେ ଛାତ୍ର ସଂସଦ ଗଠନ କରୁ। ପରବର୍ତ୍ତୀ ସମୟରେ ୧୯୫୮ ମସିହାରେ ଯୋଗମାୟା ଦେବୀ କଲେଜରେ ମଧ୍ୟ ଛାତ୍ର ସଂସଦ ଗଠନ କରୁ। ଏହିଭଳି ଭାବେ ଦକ୍ଷିଣ କଲିକତାର ବହୁ କଲେଜର ଛାତ୍ର ସଂସଦ ନିର୍ବାଚନରେ ଆମର ଛାତ୍ର ସଂଗଠନ ଜୟଲାଭ କରେ। ଏହି ସମୟରେ ଯେଉଁମାନେ ଏଆଇଡିଏସ୍ଓ ସହିତ ଯୁକ୍ତ ହେଉଥିଲେ ସେମାନେ କେହିବି ପାର୍ଟି ପରିବାରରୁ ଆସି ନଥିଲେ। ଆସିବାର କୌଣସି ସୁଯୋଗ ମଧ୍ୟ ସେତେବେଳେ ନଥିଲା। ଚାରୁଚନ୍ଦ୍ର କଲେଜରେ ଆମର ୟୁନିୟନ୍ ସେତେବେଳେ ପ୍ରତିଷ୍ଠିତ ହେବାକୁ ଯାଉଥିଲା। ସେଠାରେ ସଂଗଠନ କରୁଥିଲେ କମ୍ରେଡ୍ ମୁକୁନ୍ଦ ଘୋଷ। ୧୯୬୯ ମସିହାରେ କମ୍ରେଡ୍ ରବୀନ୍ ସମାଜପତି ଏବଂ କମ୍ରେଡ୍ ଚିରରଞ୍ଜନ ଚକ୍ରବର୍ତ୍ତୀଙ୍କୁ ସେ ମୋ ପାଖକୁ ନେଇ ଆସିଥିଲେ। ମୁଁ ସେମାନଙ୍କ ସହିତ କିଛି ଆଲୋଚନା କରିଥିଲି। ଏହିଭଳିଭାବେ ସେମାନେ ଧିରେ ଧିରେ ଏଆଇଡିଏସ୍ଓ ସହିତ ଯୁକ୍ତ ହୋଇଥିଲେ। କିଛି ଦିନ ପରେ କମ୍ରେଡ୍ ରବୀନ୍ ସମାଜପତିଙ୍କୁ ମୁଁ ପାର୍ଟି ଅଫିସ୍‌କୁ ନେଇ ଆସିଥିଲି। ସେତେବେଳେ ଆମର ମହାନ୍ ନେତା, ଶିକ୍ଷକ କମ୍ରେଡ୍ ଶିବଦାସ ଘୋଷ ଜୀବିତ। ପ୍ରତିଦିନ ସନ୍ଧ୍ୟାରେ ସେ ପାର୍ଟି ଅଫିସ୍ ଆସୁଥିଲେ। ଅଫିସ୍‌ର ସେଇ ବଡ ଘରେ ଦର୍ଶନ, ଅର୍ଥନୀତି, ସାହିତ୍ୟ-ସଂସ୍କୃତି, ଜୀବନର ବିଭିନ୍ନ ସମସ୍ୟାକୁ ନେଇ ସେ ବହୁ ମୂଲ୍ୟବାନ ଆଲୋଚନା କରୁଥିଲେ। କମ୍ରେଡ୍ ରବୀନ୍ ସମାଜପତିଙ୍କୁ ପ୍ରଥମେ ଯେଉଁ ଦିନ ଅଫିସ୍‌କୁ ନେଇ ଆସିଥିଲି ସେଦିନ ସେ ତାଙ୍କର ଆଲୋଚନା ଶୁଣି ମୁଗ୍ଧ ହୋଇଯାଇଥିଲେ। ତା'ପରେ କମ୍ରେଡ୍ ରବୀନ୍ ସମାଜପତି ଏହି ଆଲୋଚନାର ଆକର୍ଷଣରେ ପ୍ରାୟତଃ ଅଫିସ୍ ଆସୁଥିଲେ, ଜାଣିବାର ଆଗ୍ରହ ନେଇ ବିଭିନ୍ନ ବିଷୟ ଉପରେ ପ୍ରଶ୍ନ କରୁଥିଲେ ଏବଂ କମ୍ରେଡ୍ ଶିବଦାସ ଘୋଷଙ୍କ ଆଲୋଚନା ମନ୍ତ୍ରମୁଗ୍ଧ ହୋଇ ଶୁଣୁଥିଲେ। ତା'ପରଠୁ ତାଙ୍କ ଚରିତ୍ରରେ ଏକ ବିରାଟ ରୂପାନ୍ତର ଘଟିଗଲା। ମୁଁ ସେତେବେଳେ ମଧ୍ୟ ଛାତ୍ର ଫ୍ର ର ଦାୟିତ୍ୱରେ ଥିଲି। କମ୍ରେଡ୍ ଶିବଦାସ ଘୋଷଙ୍କ ଶିକ୍ଷା ଅନୁଯାୟୀ କେବଳ ଛାତ୍ର କର୍ମୀମାନଙ୍କର କାର୍ଯ୍ୟକ୍ରମର ଦେଖାଶୁଣା କରୁଥିଲି ତାହା ନୁହେଁ, ସେମାନଙ୍କର ବିଭିନ୍ନ ବ୍ୟକ୍ତିଗତ ସମସ୍ୟା ନେଇ ମଧ୍ୟ ଆଲୋଚନା କରୁଥିଲି, ସେମାନଙ୍କୁ ଗଢି ଉଠିବାରେ ସାହାଯ୍ୟ କରୁଥିଲି। କମ୍ରେଡ୍ ରବୀନ୍‌ଙ୍କ ସହିତ ତତ୍ତ୍ୱଗତ ପ୍ରଶ୍ନରେ, ସାଂଗଠନିକ ସମସ୍ୟା ପ୍ରସଙ୍ଗରେ ଦିନ ପରେ ଦିନ କେତେ ଆଲୋଚନା ହୋଇଛି। ତାଙ୍କର ଜାଣିବା, ବୁଝିବା, ଶିଖିବାର ଆଗ୍ରହ ପ୍ରବଳ ଥିଲା। ସିନିୟର-ଜୁନିୟର ସମସ୍ତଙ୍କର ସମାଲୋଚନା ସହଜରେ ଗ୍ରହଣ କରି ପାରୁଥିଲେ। କେହି ଭୁଲ ସମାଲୋଚନା କଲେ ମଧ୍ୟ ପାଲଟା ପ୍ରତିକ୍ରିୟା ବା କ୍ଷୋଭ ପ୍ରକାଶ କରୁନଥିଲେ। 'ସର୍ବଦା ଅନ୍ୟର ଗୁଣ ଦେଖିବ, ନିଜର ତ୍ରୁଟି ଦେଖିବ'- କମ୍ରେଡ୍ ଶିବଦାସ ଘୋଷଙ୍କର ଏହି ମୂଲ୍ୟବାନ ଶିକ୍ଷା ତାଙ୍କ ଜୀବନରେ ପ୍ରତିଫଳିତ ହେଉଥିଲା। ସିନିୟର କେହି ଅନ୍ୟାୟଭାବେ ସମାଲୋଚନା କରିଛନ୍ତି, ଦୁର୍ବ୍ୟବହାର କରିଛନ୍ତି, କିନ୍ତୁ ଏହାକୁ ନେଇ ସେ କୌଣସି ଦିନ ଅଭିଯୋଗ କରି ନାହାନ୍ତି। ଖବର ପାଇ ହୁଏତ ପଚାରିଛି, ଉତ୍ତରରେ କହିଛନ୍ତି, 'ଛାଡନ୍ତୁ, ତାହା ସେମିତି କିଛି ନୁହେଁ।' ଏ ପ୍ରକାର ସମାଲୋଚନା ବା ଖରାପ ବ୍ୟବହାରକୁ ନୈର୍ବ୍ୟକ୍ତିକଭାବେ ନେଇ ପାରିବା ସହଜ କଥା ନୁହେଁ। ଥରେ ଜଣେ ସିନିୟର ନେତାଙ୍କର ତାଙ୍କ ସ୍ତ୍ରୀ ପ୍ରତି ଦୁର୍ବଳତା ଜନିତ ଆଚରଣ ସମ୍ପର୍କରେ କମ୍ରେଡ୍ ରବୀନ୍ ଓ କମ୍ରେଡ୍ ଚିରରଞ୍ଜନ ମୋ ସହିତ ଆଲୋଚନା କରିବାକୁ ଆସିଥିଲେ। କମ୍ରେଡ୍ ରବୀନ୍ ସେହି ନେତାଙ୍କ ଆଚରଣ ଏଭଳିଭାବେ ଉପସ୍ଥାପିତ କରିଥିଲେ ଯେମିତି ଏହା ତାଙ୍କର ହିଁ ତ୍ରୁଟି। ଆମ ସମସ୍ତଙ୍କୁ ଏହା ବିସ୍ମିତ କରିଥିଲା।

ଆପଣମାନେ ଶୁଣିଛନ୍ତି, ସେ ଦରିଦ୍ର ପରିବାରରୁ ଆସିଥିଲେ। ପରିବାରର ଏକମାତ୍ର ଭରସାସ୍ଥଳ ଥିଲେ କମ୍ରେଡ୍ ରବୀନ୍। ପରିବାରର ସମସ୍ତେ ହିଁ ତାଙ୍କ ମୁହଁକୁ ଚାହିଁ ବସିଥିଲେ। ତାଙ୍କର ପିତା ଅସୁସ୍ଥ ଓ ଘରେ ଛୋଟ ଭାଇ ଓ ଭଉଣୀ ଥିଲେ। ଏଭଳି ପରିସ୍ଥିତିରେ ତାଙ୍କର କକା ତାଙ୍କ

*(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)*

## କମ୍ରେଡ୍ ରବିନ୍ . . .

(୨ୟ ପୃଷ୍ଠାର ଅବଶିଷ୍ଟାଂଶ)

ପାଇଁ ଏକ ଚାକିରି ପ୍ରସ୍ତାବ ନେଇ ଆସିଥିଲେ। କିନ୍ତୁ କମ୍ରେଡ୍ ରବୀନ୍ ନିଜେ ହିଁ ସିଦ୍ଧାନ୍ତ ନେଇଥିଲେ ଯେ, ସେ ଚାକିରୀ କରିବେ ନାହିଁ। କମ୍ରେଡ୍ ଚିରରଞ୍ଜନଙ୍କୁ କହିଛନ୍ତି, 'ମୋର ପିତାମାତାଙ୍କ ମୃତ୍ୟୁ ହୁଏତ ମୋତେ ଦେଖିବାକୁ ହେବ, ଭାଇ ଭଉଣୀଙ୍କ ଅଭୁକ୍ତ ଅବସ୍ଥା ଦେଖିବାକୁ ହେବ। ତା' ସତ୍ତ୍ୱେ ବି ମୁଁ ଚାକିରି କରିବି ନାହିଁ। ମୁଁ ବିପ୍ଳବୀ ଜୀବନ ଗ୍ରହଣ କରିବାକୁ ସିଦ୍ଧାନ୍ତ କରିଛି।' ଆମ ମାନଙ୍କ ମଧ୍ୟରୁ କାହାରି ସହିତ ଆଲୋଚନା କରି ସେ ଏହି ନିଷ୍ପତ୍ତି ନେଇ ନଥିଲେ। ଏହି ସିଦ୍ଧାନ୍ତ ଏକାନ୍ତ ହିଁ ତାଙ୍କର ନିଜସ୍ୱ ଥିଲା। ଏହି କଥାଗୁଡ଼ିକୁ ମୁଁ ଏହି କାରଣରୁ କହୁଛି, ଯେହେତୁ ଏହି ସଭାରେ ପଶ୍ଚିମବଙ୍ଗ, ବିହାର ଓ ଝାଡଖଣ୍ଡର ବହୁ କମ୍ରେଡ୍ ଉପସ୍ଥିତ ଅଛନ୍ତି। ବହୁ କମ୍ରେଡ୍ଙ୍କ ଜୀବନରେ ଏଭଳି ସମୟ ଆସେ, ଯେତେବେଳେ କେଉଁ ପଥ ଗ୍ରହଣ କରିବାକୁ ହେବ ତାହା ଠିକ୍ କରିବାକୁ ହୁଏ। କିନ୍ତୁ ଏହା ଠିକ୍ କରିବା ପାଇଁ କମ୍ରେଡ୍ ରବୀନ୍ଙ୍କୁ ମୁହୂର୍ତ୍ତେ ବି ସମୟ ଲାଗି ନାହିଁ। କୌଣସି ନେତାଙ୍କ ସହିତ ପରାମର୍ଶ କରିବାର ପ୍ରୟୋଜନ ମଧ୍ୟ ହୋଇ ନାହିଁ। ନିଜେ ହିଁ ସିଦ୍ଧାନ୍ତ ନେଇଛନ୍ତି। ଗୋଟିଏ ଅତ୍ୟନ୍ତ ଦରିଦ୍ର ଓ ସହାୟ ସମ୍ବଳହୀନ ପରିବାରକୁ ପଛରେ ପକାଇ ସେ ଏକ ବିପ୍ଳବୀ ଜୀବନକୁ ଗ୍ରହଣ କରିଛନ୍ତି। ପଶ୍ଚିମବଙ୍ଗର କମ୍ରେଡ୍‌ମାନଙ୍କ ମଧ୍ୟରୁ ଯେଉଁମାନେ ୧୯୯୪-୯୫ ମସିହା ପରେ ପାର୍ଟିକୁ ଆସିଛନ୍ତି, ସେମାନଙ୍କର କମ୍ରେଡ୍ ରବୀନ୍ ସମାଜପତିଙ୍କୁ ଚିହ୍ନିବା ଓ ବୁଝିବାର ସୁଯୋଗ ହୋଇ ନାହିଁ। କାରଣ ସେତେବେଳକୁ ସେ ପଶ୍ଚିମବଙ୍ଗ ବାହାର ରାଜ୍ୟରେ ସଂଗଠନ କରିବାକୁ ଚାଲିଯାଇଥିଲେ। ପଶ୍ଚିମବଙ୍ଗରେ ମୂଳତଃ ଜଣେ ଏଆଇଡିଏସ୍‌ଓର ନେତା ଭାବେ ସେ କାର୍ଯ୍ୟ କରିଥିଲେ। ସେହି ସମୟରେ ଯେଉଁମାନେ ତାଙ୍କ ସହିତ ଘନିଷ୍ଠଭାବେ ଯୁକ୍ତ ହୋଇଥିଲେ, ସେମାନଙ୍କ ମଧ୍ୟରୁ ଦଳର ପଲିଟ୍‌ବ୍ୟୁରୋ ସଭ୍ୟ ତଥା ବର୍ତ୍ତମାନର ପଶ୍ଚିମବଙ୍ଗ ରାଜ୍ୟ ସମ୍ପାଦକ କମ୍ରେଡ୍ ଚଣ୍ଡିଦାସ ଭଟ୍ଟାଚାର୍ଯ୍ୟ, କେନ୍ଦ୍ରୀୟ କମିଟିର ସଭ୍ୟ କମ୍ରେଡ୍ ସ୍ୱପନ ଚାଟାର୍ଜୀ ଏଠାରେ ଉପସ୍ଥିତ ଅଛନ୍ତି। ଏମାନେ ତାଙ୍କର ଇମିଡିଏଟ୍ ଜୁନିୟର ଥିଲେ। ଏମାନଙ୍କ ମଧ୍ୟରେ ବି କମ୍ରେଡ୍ ରବୀନ୍ ସମାଜପତି ଏକ ଅଲିଭା ଛାପ ରଖି ଯାଇଛନ୍ତି। ସେ ଯେତେବେଳେ କଲିକତା ଜିଲ୍ଲାର ଏଆଇଡିଏସ୍‌ଓର ସଭାପତି ଥିଲେ, ସେତେବେଳେ ଯିଏ କମିଟିର ସମ୍ପାଦକ ଥିଲେ ବର୍ତ୍ତମାନ ସେ ଦଳ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ। ତାଙ୍କର ଆଚାର, ଆଚରଣ ଥିଲା ବ୍ୟୁରୋକ୍ରାଟିକ। ବେଳେ ବେଳେ ଜୁନିୟରମାନଙ୍କ ପ୍ରତି କଠୋର ବ୍ୟବହାର କରୁଥିଲେ। ସେ କମ୍ରେଡ୍ ରବୀନ୍ ସମାଜପତିଙ୍କ ଠାରୁ ବି ସିନିୟର ଥିଲେ। ତାଙ୍କର ଔଦ୍ଧତ୍ୟପୂର୍ଣ୍ଣ ଆଚରଣରେ ଆହତ ଜୁନିୟର କମ୍ରେଡ୍‌ମାନେ କମ୍ରେଡ୍ ରବୀନ୍ ସମାଜପତିଙ୍କ ସହିତ ଆଳାପ ଆଲୋଚନା କରି ତାଙ୍କ ବ୍ୟବହାରରେ ଆସ୍ୱସ୍ତି ପାଉଥିଲେ, ଭରସା ପାଉଥିଲେ। ସେମାନେ ମୋତେ କହିଛନ୍ତି ଯେ, ଆମେ କମ୍ରେଡ୍ ରବୀନ୍ ସମାଜପତିଙ୍କ ସହିତ ମନଖୋଲି କଥା କହି ପାରୁଥିଲୁ। ସେମାନେ ଏକଥା ମଧ୍ୟ ସେତେବେଳେ ଉପଲବ୍ଧ କରିଛନ୍ତି ଯେ, ଜୁନିୟରମାନେ ଯେମିତି କ୍ରମାଗତ ଆଗେଇ ଯାଇ ପାରନ୍ତି, ସେଥିନିମିତ୍ତ କମ୍ରେଡ୍ ରବୀନ୍ ସମାଜପତି ସବୁ ସମୟରେ ହିଁ ସେମାନଙ୍କ ପଛରେ ରହି ସାହାଯ୍ୟ କରୁଥିଲେ। ବିହାର, ଝାଡଖଣ୍ଡର କମ୍ରେଡ୍‌ମାନେ ମଧ୍ୟ ଏହା ପ୍ରତ୍ୟକ୍ଷ କରିଛନ୍ତି। କେବଳ ମିଟିଂରେ ବକ୍ତୃତା ଦେବା ବେଳେ ନୁହେଁ, ଆଚାର ବ୍ୟବହାର ମଧ୍ୟରେ ବି ତାଙ୍କର ପ୍ରଚେଷ୍ଟା ଥିଲା ଯେ, ଜୁନିୟରମାନେ ବଡ ହୁଅନ୍ତୁ, ବିପ୍ଳବୀ ଦାୟିତ୍ୱ ବହନ କରି ନିରନ୍ତର ଆଗେଇ ଯାଆନ୍ତୁ, ମୁଁ ପଛରେ ରହି ସାହାଯ୍ୟ କରିବି। କମ୍ରେଡ୍ ଚଣ୍ଡିଦାସ ଭଟ୍ଟାଚାର୍ଯ୍ୟ କହିଛନ୍ତି, ତାଙ୍କର ଚେହେରା ଛବି ପୋଷାକ ପରିଚ୍ଛଦ ମଧ୍ୟରେ ଅଲଗାଭାବେ ସେମିତି କୌଣସି ଆକର୍ଷଣ ନଥିଲା। କିନ୍ତୁ ଯେତେବେଳେ ହିଁ କୌଣସି ବିଷୟରେ ଆଲୋଚନା କରୁଥିଲେ ସେତେବେଳେ କମ୍ରେଡ୍ ଚଣ୍ଡି ଏବଂ ଅନ୍ୟମାନେ ଏକ ଗଭୀର ଆକର୍ଷଣ ଅନୁଭବ କରି ପାରୁଥିଲେ। ପଶ୍ଚିମବଙ୍ଗରେ ଯେଉଁମାନେ ହିଁ ସେତେବେଳେ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି ସେମାନେ ସମସ୍ତେ ହିଁ ଏହି ଆକର୍ଷଣ ଅନୁଭବ କରି ପାରିଛନ୍ତି। ଅନେକେ ହିଁ ଆଲୋଚନା କରନ୍ତି, ବକ୍ତୃତା ଦିଅନ୍ତି, ବକ୍ତୃତା ମଧ୍ୟରେ ଅନେକଙ୍କର ହିଁ ଯୁକ୍ତି ଥାଏ। କିନ୍ତୁ କମ୍ରେଡ୍ ରବୀନ୍ କୌଣସି ବ୍ୟକ୍ତିଙ୍କ ସହିତ କଥା ହେଉଛନ୍ତି, ବା ମିଟିଂରେ ବକ୍ତବ୍ୟ ରଖୁଛନ୍ତି, ବା ଗ୍ରୁପରେ କଥା ହେଉଛନ୍ତି, ସେତେବେଳେ ତା' ମଧ୍ୟରେ ପ୍ରାଣ ଥାଏ, ସେହି ଆଲୋଚନା ପ୍ରାଣବନ୍ତ ହେଉଥାଏ। ଶ୍ରୋତାଙ୍କ ପ୍ରାଣକୁ ତାଙ୍କର ବକ୍ତୃତା ସ୍ପର୍ଶ କରୁଥିଲା, ସେମାନଙ୍କର ବିବେକକୁ ଜାଗ୍ରତ କରୁଥିଲା। କାରଣ, କଥାଗୁଡ଼ିକ ତାଙ୍କର ଅନ୍ତରରୁ ଆସୁଥିଲା, ଫଳରେ ପ୍ରଭାବ ପଡୁଥିଲା। ଏହି ବିରଳ କ୍ଷମତା ତାଙ୍କର ଥିଲା।

୧୯୭୬ ମସିହାରେ ମହାନ୍ ଧର୍ମ ନିରପେକ୍ଷ ମାନବତାବାଦୀ କଥା ସାହିତ୍ୟିକ ଶରତଚନ୍ଦ୍ରଙ୍କ ଜନ୍ମ ଶତବର୍ଷ ମର୍ଯ୍ୟାଦାର ସହ ପାଳନ କରିବାକୁ ପାର୍ଟି ସିଦ୍ଧାନ୍ତ ନେଇଥିଲା। ସେତେବେଳେ ଜରୁରୀ ଅବସ୍ଥା ଚାଲୁଥିଲା, ସମସ୍ତ ରାଜନୈତିକ କାର୍ଯ୍ୟକଳାପ ବନ୍ଦ ଥିଲା। ମହାନ୍ ନେତା କମ୍ରେଡ୍ ଶିବଦାସ ଘୋଷ ୧୯୬୭ ରୁ ୧୯୭୪ ମସିହା ମଧ୍ୟରେ ଶରତଚନ୍ଦ୍ରଙ୍କର ସାହିତ୍ୟ ସୃଷ୍ଟି ଓ ଦର୍ଶନ ସଂକ୍ରାନ୍ତରେ ୬ଟି ମୂଲ୍ୟବାନ ଆଲୋଚନା କରିଥିଲେ। ଏହା ପୂର୍ବରୁ ଅବିଭକ୍ତ ବଙ୍ଗ ପ୍ରଦେଶ ଓ ପରବର୍ତ୍ତୀ ସମୟରେ ବାଙ୍ଗଲାଦେଶ ତଥା ଭାରତବର୍ଷର ବିଭିନ୍ନ ରାଜ୍ୟର ଜନଗଣଙ୍କ ମଧ୍ୟରେ ଶରତଚନ୍ଦ୍ରଙ୍କ ସାହିତ୍ୟ ପ୍ରତି ଆକର୍ଷଣ ଥିଲା। କିନ୍ତୁ ଶରତଚନ୍ଦ୍ର ଯେ ଜଣେ ଅଗ୍ରଗଣ୍ୟ ମାନବତାବାଦୀ, ବସ୍ତୁବାଦୀ ଦର୍ଶନର ଜଣେ ପ୍ରମୁଖ ପ୍ରବକ୍ତା, ନିରିଶ୍ୱରବାଦୀ ଏବଂ ବିଶ୍ୱ ସାହିତ୍ୟର ଅନ୍ୟତମ ଶ୍ରେଷ୍ଠ ଔପନ୍ୟାସିକ, ଏହି ଧାରଣା କାହାରି ନଥିଲା। ବରଂ ତାଙ୍କ ସମ୍ପର୍କରେ କିଛି ଭ୍ରାନ୍ତ ଧାରଣା ସିପିଆଇ, ସିପିଆଇ(ଏମ୍) ପ୍ରଚାର କରୁଥିଲେ। କମ୍ରେଡ୍ ଶିବଦାସ ଘୋଷ ହିଁ ପ୍ରଥମ ଶରତଚନ୍ଦ୍ରଙ୍କ ସମ୍ପର୍କରେ ଐତିହାସିକ ମୂଲ୍ୟାୟନ କରିଥିଲେ ଏବଂ ୧୯୭୬ ମସିହାରେ ସେହି ଭିତ୍ତିରେ ଶରତଚନ୍ଦ୍ରଙ୍କ ଜନ୍ମ ଶତବାର୍ଷିକୀ ପାଳିତ ହୋଇଥିଲା। ବିଖ୍ୟାତ୍ ବଙ୍ଗଳା ସାହିତ୍ୟିକ ଡକ୍ଟର ବାଲାଇଚାନ୍ଦ ମୁଖୋପାଧ୍ୟାୟ (ବନଫୁଲ ନାମରେ ପରିଚିତ) ଏହି ଶତବର୍ଷ କମିଟିର ସଭାପତି ଏବଂ କମ୍ରେଡ୍ ମାଣିକ ମୁଖାର୍ଜୀ ସମ୍ପାଦକ ଥିଲେ। କମ୍ରେଡ୍ ମାଣିକ ମୁଖାର୍ଜୀଙ୍କୁ ସାହାଯ୍ୟ କରିବା ପାଇଁ ଏକ ସବ୍‌କମିଟି ଗଠିତ ହୋଇଥିଲା, ଯେଉଁ କମିଟିର ସଭ୍ୟଭାବେ କମ୍ରେଡ୍ ରବୀନ୍ ସମାଜପତି ସମଗ୍ର ପଶ୍ଚିମବଙ୍ଗର ବିଭିନ୍ନ ଜିଲ୍ଲାରେ ଏବଂ କଲିକତାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଧ୍ୟ ଅଗ୍ରଣୀ ଭୂମିକା ପାଳନ କରିଥିଲେ। ଏହି ସମୟରେ ପଶ୍ଚିମବଙ୍ଗର ଜିଲ୍ଲାରେ ଜିଲ୍ଲାରେ ଅନୁଷ୍ଠିତ ବିଭିନ୍ନ ସଭା ଓ ଆଲୋଚନାରେ କମ୍ରେଡ୍ ରବୀନ୍ ସମାଜପତି ଶରତଚନ୍ଦ୍ରଙ୍କ ସମ୍ପର୍କରେ କମ୍ରେଡ୍ ଶିବଦାସ ଘୋଷଙ୍କ ଐତିହାସିକ ମୂଲ୍ୟାୟନକୁ ଅତି ନିପୁଣତାର ସହ ଉପସ୍ଥାପନ କରିଥିଲେ। ଏହି ଆଲୋଚନାଗୁଡ଼ିକ ବିଭିନ୍ନ ସ୍ତରର ଜନସାଧାରଣ ଏପରିକି ସୁପରିଚିତ ବୁଦ୍ଧିଜୀବୀମାନଙ୍କ ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇଥିଲା।

କମ୍ରେଡ୍ ରବୀନ୍ ସମାଜପତିଙ୍କର ଆଉ ଏକ ଉଲ୍ଲେଖନୀୟ ଭୂମିକା ଏଠାରେ ପ୍ରଣିଧାନଯୋଗ୍ୟ। ୧୯୭୭ ମସିହାରେ ସିପିଆଇ(ଏମ୍) ନେତୃତ୍ୱାଧିନ ସରକାର କ୍ଷମତାକୁ ଆସିବା ପରେ ୧୯୭୯ ମସିହାରେ ଆମ ଦଳ ହିଁ ପଶ୍ଚିମବଙ୍ଗରେ ଏହି ସରକାରଙ୍କ ଜନବିରୋଧି ନୀତି ବିରୁଦ୍ଧରେ ପ୍ରଥମେ ଆନ୍ଦୋଳନ ଆରମ୍ଭ କରିଥିଲା। ଏହି ବର୍ଷ ଜୁନ୍ ୧୫ ତାରିଖରେ ଆମ ଦଳର ବିକ୍ଷୋଭ ଶୋଭାଯାତ୍ରା ଉପରେ ପୋଲିସ ଅତି ନୃଶଂସଭାବେ ଲାଠି ଚାର୍ଜ କରିଥିଲା, ବହୁ କମ୍ରେଡ୍ ଆହତ ହୋଇଥିଲେ, ରାଜ୍ୟ ବ୍ୟାପୀ ଏହା ଆଲୋଡନ ସୃଷ୍ଟି କରିଥିଲା ଏବଂ ସମଗ୍ର ପଶ୍ଚିମବଙ୍ଗ ଆନ୍ଦୋଳନରେ ଫାଟି ପଡିଥିଲା। ଏହା ପରେ ପ୍ରାଥମିକ ସ୍ତରରୁ ଇଂରାଜୀ ଏବଂ ପାସ୍ ଫେଲ ହଟାଇ ଦେବା ସିଦ୍ଧାନ୍ତ ବିରୁଦ୍ଧରେ ଆମେ ଆନ୍ଦୋଳନ ଆରମ୍ଭ କରୁ। ଡାକ୍ତର ସୁକୁମାର ସେନ, ପ୍ରମଥ ନାଥ ବିଶି, ପ୍ରେମେନ୍ଦ୍ର ମିତ୍ର, ସନ୍ତୋଷ କୁମାର ଘୋଷ, ଡକ୍ଟର ନୀହାର ରଞ୍ଜନ ରାୟଙ୍କ ପାଖରୁ ଆରମ୍ଭ କରି ଡାକ୍ତର ସୁଶୀଲ କୁମାର ମୁଖାର୍ଜୀଙ୍କ ପର୍ଯ୍ୟନ୍ତ ବହୁ ବରେଣ୍ୟ ସାହିତ୍ୟିକ, ବୁଦ୍ଧିଜୀବୀ, ସୁନାମଧନ୍ୟ ଶିକ୍ଷାବିଦ୍ ଏହି ଆନ୍ଦୋଳନରେ ଯୁକ୍ତ ହୁଅନ୍ତି। 'ଶିକ୍ଷା ସଂକୋଚନ ପ୍ରତିରୋଧ ଏବଂ ଶିକ୍ଷା ସ୍ୱାଧିକାର ରକ୍ଷା' କମିଟି ଅଧିନରେ କମ୍ରେଡ୍ ମାଣିକ ମୁଖାର୍ଜୀ ସେମାନଙ୍କୁ ସଂଗଠିତ କରନ୍ତି। ବିଭିନ୍ନ ଜିଲ୍ଲାରେ ପାର୍ଟି କର୍ମୀମାନଙ୍କୁ ଏହି ଆନ୍ଦୋଳନରେ ସାମିଲ କରାଇବା, ସାଧାରଣ ଲୋକଙ୍କୁ ମଧ୍ୟ ସାମିଲ କରାଇବା ଭଳି ବହୁ ଦାୟିତ୍ୱ ଆମର ଥିଲା। ଏହି ଆନ୍ଦୋଳନ ଦୀର୍ଘଦିନ ଧରି ଚାଲିଥିଲା। ଦିନ ପରେ ଦିନ ଆମେ ଆନ୍ଦୋଳନ କରିଛୁ, ବହୁ ଶୋଭାଯାତ୍ରା ବିକ୍ଷୋଭ ଧାରଣା ଆଦି କରିଛୁ। ବିଭିନ୍ନ ଜିଲ୍ଲାକୁ ଯାଇ ଛାତ୍ରଛାତ୍ରୀମାନଙ୍କୁ ଅନୁପ୍ରାଣିତ କରିବା ପାଇଁ କମ୍ରେଡ୍ ରବୀନ୍ ସମାଜପତିଙ୍କ ସହ ଆଉ କିଛି କମ୍ରେଡ୍ଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହି ରାଜ୍ୟରେ ଥିବା ସମୟରେ ଏ ଦୁଇଟି କ୍ଷେତ୍ରରେ ତାଙ୍କର ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ପ୍ରାରମ୍ଭିକ ଅବସ୍ଥାରେ କମ୍ରେଡ୍ ରବୀନ ସମାଜପତି ଥିଲେ ଏଆଇଡିଏସ୍‌ଓର ଜଣେ ଅଗ୍ରଣୀ ସଂଗଠକ। ଛାତ୍ର ଫ୍ରଣ୍ଟରେ ସେ ବହୁ କମ୍ରେଡ୍ଙ୍କୁ ରିକ୍ରୁଟ୍ କରିଛନ୍ତି। ପୁରୁଲିଆ ଓ ଦକ୍ଷିଣ ଚବିଶ ପ୍ରଗଣା ଜିଲ୍ଲାରେ ସେ ପାର୍ଟି କାମ କରିଛନ୍ତି। ଯେତେବେଳେ ପୁରୁଲିଆ ଏବଂ ଦକ୍ଷିଣ ଚବିଶପ୍ରଗଣା ଜିଲ୍ଲାର ନାମଖାନାରେ ପାର୍ଟି କାମ କରିବାକୁ ଯାଇଛନ୍ତି, ସେତେବେଳେ ସେଠାରେ ରହିବା ଓ ଖାଇବା ପାଇଁ କୌଣସି ବିଶେଷ ବ୍ୟବସ୍ଥା ନଥିଲା। କିନ୍ତୁ ସେଠାରେ ମଧ୍ୟ ସେ ପ୍ରବଳ ଉତ୍ସାହ ଓ ଆବେଗର ସହିତ କାମ କରିଛନ୍ତି ଏବଂ ବହୁ ଛାତ୍ର ଯୁବକ, ସାଧାରଣ ଲୋକଙ୍କୁ ଦଳ ପ୍ରତି ଆକୃଷ୍ଟ କରାଇଛନ୍ତି, ବହୁ ନୂତନ କର୍ମୀଙ୍କୁ ଦଳରେ ଯୁକ୍ତ କରିଛନ୍ତି। ସମ୍ପ୍ରତି ଦକ୍ଷିଣ ଚବିଶପ୍ରଗଣା ଜିଲ୍ଲାର ଦଳର ପ୍ରୟାତ ମହିଳା ନେତ୍ରୀ କମ୍ରେଡ୍ ପ୍ରତିଭା ମିଶ୍ରଙ୍କୁ ସେ ହିଁ ନାମଖାନାରେ ନିର୍ବାଚନୀ କାମ କରିବାକୁ ଯାଇ ଦଳରେ ଯୁକ୍ତ କରିଥିଲେ। କମ୍ରେଡ୍ ଶିବଦାସ ଘୋଷଙ୍କ ଶିକ୍ଷାରେ କିଭଳି ଛାତ୍ର ଯୁବକମାନଙ୍କୁ ଉଦ୍‌ବୁଦ୍ଧ କରାଯାଇପାରେ, ସେହି ପ୍ରଚେଷ୍ଟା ତାଙ୍କର ସବୁ ସମୟରେ ଥିଲା।

ଆପଣମାନେ ଶୁଣିଛନ୍ତି, ୧୯୮୬ ମସିହାରେ ଏଆଇଡିଏସ୍‌ଓର ସର୍ବଭାରତୀୟ ସମ୍ମିଳନୀରେ କମ୍ରେଡ୍ ରବୀନ୍ ସମାଜପତି ସଂଗଠନର ସାଧାରଣ ସମ୍ପାଦକଭାବେ ନିର୍ବାଚିତ ହୋଇଥିଲେ। ସେହି ସମୟରେ ସେ ମୋତେ କହିଥିଲେ, "ମୁଁ କ'ଣ ପାରିବି?" ମୁଁ ତାଙ୍କୁ କହିଥିଲି, 'ନିଶ୍ଚିତ ତୁମେ ପାରିବ। ସେଥିପାଇଁ ତ ପାର୍ଟି ତୁମକୁ ମନୋନୀତ କରିଛି।' ସେଇ ପ୍ରଶ୍ନ ସେ ଆଉ କେବେ ବି କରି ନାହାନ୍ତି। ସେ ଯେ ପାରନ୍ତି, ସେହି ସମୟରେ ତାଙ୍କର ଭୂମିକା ହିଁ ତାର ସ୍ୱାକ୍ଷର ବହନ କରିଛି। ପଶ୍ଚିମବଙ୍ଗରେ ସେତେବେଳେ ଗଣ ଆନ୍ଦୋଳନର ଉତ୍ତାଳ ତରଙ୍ଗ, ଏହି ଆନ୍ଦୋଳନଗୁଡ଼ିକରେ ମଧ୍ୟ ତାଙ୍କର ଭୂମିକା ଥିଲା ବିଶେଷଭାବେ ଉଲ୍ଲେଖଯୋଗ୍ୟ। ୧୯୯୦ ମସିହାରେ ସିପିଆଇ(ଏମ୍)ସରକାରର ଦରଦାମ୍ ବୃଦ୍ଧି, ବିଦ୍ୟୁତ୍ ଦର ବୃଦ୍ଧି, ବସ୍ ଭଡା ବୃଦ୍ଧି ବିରୁଦ୍ଧରେ ଏବଂ ପ୍ରାଥମିକ ସ୍ତରରେ ଇଂରାଜୀ ଓ ପାଶ୍ ଫେଲ୍ ପୁନଃପ୍ରଚଳନ ଦାବିରେ ଆମେ ଗୋଟିଏ ପରେ ଗୋଟିଏ ଆନ୍ଦୋଳନ ଗଢି ତୋଳୁଥୁଲୁ। ଏହି ଆନ୍ଦୋଳନର ଧାରାବାହିକତାରେ ୧୯୯୦ ମସିହା ଅଗଷ୍ଟ ୩୧ ତାରିଖ ଦିନ କଲିକତାର କେନ୍ଦ୍ରସ୍ଥଳ ରାଣୀ ରାସମଣୀ ରୋଡରେ ଆମେ ଆଇନ୍ ଅମାନ୍ୟ ଆନ୍ଦୋଳନ କରୁ। ସେହି ଆନ୍ଦୋଳନକୁ ଉପଯୁକ୍ତଭାବେ ପରିଚାଳନା କରିବା ପାଇଁ ପ୍ରତିବାଦ ଶୋଭାଯାତ୍ରାର ବିଭିନ୍ନ ପର୍ଯ୍ୟାୟରେ ଭଲେଣ୍ଟିୟର ବାହିନୀ ମୃତୟନ କରାଯାଇଥିଲା। ପୁରାପୁରି ସମ୍ମୁଖ ଭାଗରେ ଥିବା ଭଲେଣ୍ଟିୟର ବାହିନୀର ଇନ୍‌ଚାର୍ଯ ଥିଲେ କମ୍ରେଡ୍ ରବୀନ୍ ସମାଜପତି। ସେହି ଶୋଭାଯାତ୍ରା ଉପରେ ବ୍ୟାପକ ଲାଠିଚାର୍ଜ ଓ ଆଖିବୁଜା ଗୁଳି ବର୍ଷଣ ହୋଇଥିଲା। କମ୍ରେଡ୍ ମାଧାଇ ହାଲଦାର ଗୁଳିବିଦ୍ଧ ହୋଇ ଶହୀଦ ହୋଇଥିଲେ। ଆହୁରି ୩୨ ଜଣ କମ୍ରେଡ୍ ଗୁଳିବିଦ୍ଧ ହୋଇଥିଲେ। ସେଦିନ କମ୍ରେଡ୍ ରବୀନ୍ ସମାଜପତିଙ୍କ ସମେତ ଆହୁରି ବେଶ କିଛି ସଂଗଠକ ଏହି ଆହତ କମ୍ରେଡ୍‌ମାନଙ୍କୁ ଉଦ୍ଧାର କରିବା, ସେମାନଙ୍କର ଚିକିତ୍ସାର ବ୍ୟବସ୍ଥା କରିବା, ମେଡିକାଲକୁ ନେଇ ଯିବା ଆଦି ସମସ୍ତ କାମ କରିଛନ୍ତି। ଏହି ନୃଶଂସ ପୋଲିସ ଆକ୍ରମଣର ପ୍ରତିବାଦରେ ସେପ୍ଟେମ୍ବର ମାସ ୩ ତାରିଖ ଦିନ ଆମେ ପ୍ରଥମ ପଶ୍ଚିମବଙ୍ଗ ବନ୍ଦ ଡାକାରା ଦେଉ। ଅଳ୍ପ ସମୟ ମଧ୍ୟରେ କମ୍ରେଡ୍‌ମାନେ ବନ୍ଦକୁ ସଫଳ କରିବା ପାଇଁ ପ୍ରଚାର କାମରେ ଓହ୍ଲାଇ ପଡନ୍ତି, ସେଠାରେ ମଧ୍ୟ କମ୍ରେଡ୍ ରବୀନ ସମାଜପତିଙ୍କର ଉଲ୍ଲେଖଯୋଗ୍ୟ ଭୂମିକା ଥିଲା। ଏହା ଥିଲା ଏକ ଐତିହାସିକ ସାଧାରଣ ଧର୍ମଘଟ। ସାଧାରଣ ଲୋକ ସ୍ୱତଃସ୍ଫୁର୍ତଭାବେ ଏହି ବନ୍ଦକୁ ସଫଳ କରିଥିଲେ।

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

# ଶହୀଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ




**ଅନୁଗୁଳ :** କିଶୋର ସଂଗଠନ 'କମସୋମୋଲ୍' ଏବଂ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେ ସ୍ ଅର୍ଗାନାଇଜେସନ୍ (AIDSO) ପକ୍ଷରୁ ମିଳିତ ଭାବରେ ବାଜିରାଉତ ଛାତ୍ରାବାସ ପରିସରରେ ଶତବର୍ଷର ଉଦଯାପାନୀ ସମାରୋହ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମର ପ୍ରାରମ୍ଭରୁ ଏକ ସୁସଜ୍ଜିତ ପଟୁଆର ସହର ପରିକ୍ରମା କରି ଛାତ୍ରାବାସରେ ପହଂଚିଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଶ୍ରୀମତୀ କ୍ରିଷ୍ଣା ମହାନ୍ତି ଏବଂ ମୁଖ୍ୟବକ୍ତା ଭାବେ କମ୍ରେଡ ଅଶୋକ ମିଶ୍ର ଓ ଅନ୍ୟତମ ବକ୍ତା ଭାବେ କମ୍ରେଡ ସିଦ୍ଧାର୍ଥ ରଥ ଯୋଗଦେଇ ଥିଲେ । ପରମାନନ୍ଦ ସାହୁ, ନାରାୟଣ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରଚାଳନା କରିଥିଲେ ।

**ଭୁବନେଶ୍ୱର :** ଏହି ଉପଲକ୍ଷେ ଏଆଇଡିଏସଓ ଭୁବନେଶ୍ୱର ମହାନଗର କମିଟି ପକ୍ଷରୁ ଏକ ସମାରୋହ ଆୟୋଜିତ ହୋଇଥିଲା । ଏଥିରେ କମ୍ରେଡ ନସିମ୍ ସରକାର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭାବେ କମ୍ରେଡ ନିମାଇଁ ଚରଣ ସାହୁ ଏବଂ ସମ୍ମାନିତ ବକ୍ତା ଭାବେ ସପ୍ତର୍ଷିନୀ ରାଉଳ ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ ।




**କଟକ :** କମସୋମୋଲ୍ କଟକ ଜିଲ୍ଲା ସଂଗଠନ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଭବନଠାରେ ଜନ୍ମ ଶତବାର୍ଷିକୀ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗାନ୍ଧୀ ସ୍ମାରକ ନିଧିର ସଂଯୋଜକ ଡକ୍ଟର ବିଶ୍ୱଜିତ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ୍ ବିଶ୍ୱାବସୁ ଦାସ ମୁଖ୍ୟଅତିଥି ଏବଂ ଅନ୍ୟତମ ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ ଅଶୋକ ମିଶ୍ର ମୁଖ୍ୟବକ୍ତା ଭାବେ ଉଦ୍‌ବୋଧନ ଦେଇଥିଲେ ।




କମ୍ରେଡ ପ୍ରିୟଦର୍ଶନ ପାଭେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ କମ୍ରେଡ ଭାଗ୍ୟଶ୍ରୀ ପ୍ରଧାନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ପ୍ରଗତିଶୀଳ ସଙ୍ଗୀତ ଓ ନୃତ୍ୟ ପରବେଷଣ କରାଯାଇଥିଲା । ଶେଷରେ ଶହୀଦ ବାଜି ରାଉତଙ୍କ ସଂଗ୍ରାମୀ ଜୀବନ ଉପରେ ଆଧାରିତ ନାଟକ 'ଅମ୍ଳାନ ଦୀପଶିଖା' ମଂଚସ୍ଥ ହୋଇ ଦର୍ଶକଙ୍କ ମନ ଛୁଇଁଥିଲା ।

**ଯାଜପୁର :** ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ମଧ୍ୟ କମସୋମୋଲ୍ ପକ୍ଷରୁ ଶୋଭାଯାତ୍ରା, ଛାତ୍ର-କିଶୋର ସମାବେଶ, ବକ୍ତୃତା ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଶହୀଦ ବାଜି ରାଉତଙ୍କ ବଳିଦାନକୁ ସ୍ମରଣ କରାଯାଇ ଜନ୍ମ ଶତବାର୍ଷିକୀ କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି ।




## ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ଆନୁକୂଲ୍ୟରେ ୧ମ ପୁରୀ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ



ଗତ ଅଗଷ୍ଟ ୩୦ ତାରିଖ ରେ ଅବିରାମ ଭାବେ ପ୍ରବଳ ବର୍ଷା ସତ୍ତ୍ୱେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ଆନୁକୂଲ୍ୟରେ ୧ମ ପୁରୀ ଜିଲ୍ଲା ସମ୍ମିଳନୀ ଡେଲାଙ୍ଗ ବ୍ଲକ୍ ର ବେରବୋଇ ଠାରେ ଅନୁଷ୍ଠିତ ହୋଇଯାଇଛି । ଡାଲିମ୍ବ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ ସଙ୍ଗଠନର ରାଜ୍ୟ ସଭାନେତ୍ରୀ ସ୍ୱୟଂପ୍ରଭା ନାୟକ ଏବଂ ଅନ୍ୟତମ ବକ୍ତା ଭାବେ ଯୋଗଦେଇ ଥିଲେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟା ବିଜୟଲକ୍ଷ୍ମୀ ପାତ୍ର । ସମ୍ମିଳନୀର ମୁଖ୍ୟ ଚିଠା ପ୍ରସ୍ତାବ ପାଠ କରିଥିଲେ ଶ୍ରୀମତୀ ବେବି ବେହେରା । ଏହି ପ୍ରସ୍ତାବ ଉପରେ ୧୩ ଜଣ ପ୍ରତିନିଧି ଆଲୋଚନା କରି ମୂଲ୍ୟବାନ ମତାମତ ଦେଇଥିଲେ ଓ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା । ଆଗାମୀ ଡିସେମ୍ବର ୧୩ ରୁ ୧୫ ,୨୦୨୬ ରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବାକୁ ଥିବା ୫ମ ସର୍ବଭାରତୀୟ ସମ୍ମିଳନୀକୁ ସଫଳ କରିବା ପରିପ୍ରେକ୍ଷୀରେ ଆଲୋଚନା କରାଯିବା ସହ ସର୍ବଭାରତୀୟ ସମ୍ମିଳନୀ ର ପ୍ରତିନିଧି ଚୟନ କରାଯାଇଥିଲା । ଆଗାମୀ ଦିନରେ ଜିଲ୍ଲା ସ୍ତରରେ ଆନ୍ଦୋଳନକୁ ଶକ୍ତିଶାଳୀ କରି ଗଢ଼ି ତୋଳିବା ପାଇଁ ଡାଲିମ୍ବ ପଣ୍ଡା ସଭାନେତ୍ରୀ ଏବଂ ପ୍ରମୋଦିନୀ ସ୍ୱାଇଁ ସମ୍ପାଦିକା ସହ ୧୩ ଜଣିଆ ଜିଲ୍ଲା କମିଟି ଗଠିତ ହୋଇଥିଲା ।

## ପାଚିକା ସହାୟିକାମାନଙ୍କ ରାଜ୍ୟସ୍ତରୀୟ ବିକ୍ଷୋଭ ପାଇଁ ପ୍ରସ୍ତୁତି ବୈଠକ



ସେପ୍ଟେମ୍ବର ୨୧ ତାରିଖରେ କୋରାପୁଟ ଜିଲ୍ଲା, ବୈପାରିଗୁଡ଼ା ଡାକବଙ୍ଗଳାରେ ଏହି ଅଞ୍ଚଳରେ କାର୍ଯ୍ୟରତ ପାଚିକା ସହାୟିକା ମାନଙ୍କୁ ନେଇ ଏକ ବୈଠକ ଶ୍ରମିକ ନେତା କମ୍ରେଡ କାହ୍ନୁ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଥିଲା । ଏଥିରେ ରାଜ୍ୟ ସ୍ତରୀୟ ସଂଗଠକ, କମ୍ରେଡ୍ ବିଜୟ ସାହୁ ଯୋଗ ଦେଇ ଅକ୍ଟୋବର ୧ ତାରିଖ ଦିନ ବିଧାନ ସଭା ସମ୍ମୁଖରେ ୧୦ ଦଫା ଦାବିରେ ,ରାଜ୍ୟ ସ୍ତରୀୟ ବିକ୍ଷୋଭ କୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ । ପାଚିକା ସହାୟିକା ମନଙ୍କ ପାରିଶ୍ରମିକ ବୃଦ୍ଧି, ବର୍ଷରେ ୧୨ ମାସର ପାରିଶ୍ରମିକ ପ୍ରଦାନ, ସରକାରୀ କର୍ମଚାରୀ ମାନ୍ୟତା ଆଦି ଦାବି ସମ୍ପର୍କରେ ମୁଖ୍ୟ ଆଲୋଚକ ଆଲୋଚନା କରିଥିଲେ ।

## ଏଆଇଡିଏସ୍‌ଓ ପକ୍ଷରୁ ବାଇକ୍ ରାଲି




ତ୍ରୁଟିମୁକ୍ତ,ବିଜ୍ଞାନସମ୍ମତ ଏବଂ ମୌଳିକ ବିଷୟବସ୍ତୁ ସନ୍ନିବେଶିତ ପାଠ୍ୟପୁସ୍ତକ ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ ଗତ ବର୍ଷର ପାଠ୍ୟପୁସ୍ତକରେ ଶିକ୍ଷାଦାନ କରିବା, ଖାଲିପଡ଼ିଥିବା ସମସ୍ତ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷାକର୍ମଚାରୀ ପଦବୀ ସ୍ଥାୟୀଭିତ୍ତିରେ ପୁରଣ କରିବା, ଏନଟିଏକୁ ରଦ୍ଦ କରିବା ଓ ବନ୍ଦ ହୋଇଥିବା ସମସ୍ତ ସରକାରୀ ବିଦ୍ୟାଳୟଗୁଡ଼ିକୁ ଅବିଳମ୍ବେ ଖୋଲିବା ଦାବିରେ ସାରା ରାଜ୍ୟରେ ଚାଲିଥିବା ଦସ୍ତଖତ ସଂଗ୍ରହ ଅଭିଯାନ ଅବସରରେ ଅଗଷ୍ଟ ୨୮ ତାରିଖରେ ବ୍ରହ୍ମପୁର ଠାରେ ଏଆଇଡିଏସଓ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରା ଓ ଦସ୍ତଖତ ସଂଗ୍ରହ ଅଭିଯାନ ଅନୁଷ୍ଠିତ ହୋଇଥିଲା । ସଙ୍ଗଠନର ରାଜ୍ୟ ସଭାପତି କମ୍ରେଡ୍ ସୋମନାଥ ବେହେରା, ଜିଲ୍ଲା ସଭାପତି କମ୍ରେଡ୍ ନିମାଇଁ ଚରଣ ସାହୁ, ସମ୍ପାଦକ କମ୍ରେଡ୍ ନାରାୟଣ ସାହୁ, ଉପସଭାପତି କମ୍ରେଡ୍ ପପୁନ ସାହୁ, କୋଷାଧ୍ୟକ୍ଷ କମ୍ରେଡ୍ କିସାନ୍ କୁମାର ସାହୁ, ଜିଲ୍ଲା କମିଟି ସଭ୍ୟା କମ୍ରେଡ୍ ଶୁଭସ୍ମିତା ପାଣିଗ୍ରାହୀଙ୍କ ସମେତ କମ୍ରେଡ୍ ବାମିଆ ଉଗ୍ରସେଣ୍ଠି, କମ୍ରେଡ୍ ଜଗନ୍ନାଥ ବେହେରା, କମ୍ରେଡ୍ ବୈକୁଣ୍ଠ ବାରିକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ମୋହନାଠାରେ ପାଚିକା ସଂଘର ବିକ୍ଷୋଭ




ପାଚିକା ସହାୟିକା ମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ କରିବା, ମାସିକ ୨୬ ହଜାର ଟଙ୍କା ଦରମା ଦେବା, ବର୍ଷକୁ ୧୨ ମାସର ଦରମା ଦେବା ସହ ମାସର ପ୍ରଥମ ସପ୍ତାହରେ ଦରମା ଦେବା ଏବଂ ପାଚିକାମାନଙ୍କୁ ରୋଷେଇ ବ୍ୟତୀତ ଅନ୍ୟ କୌଣସି କାମରେ ନ ଲଗାଇବା ଆଦି ଦାବିରେ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ପକ୍ଷରୁ ଗଜପତି ଜିଲ୍ଲାର ମୋହନା ସ୍ଥିତ ବିଇଓ ଅଫିସ ସମ୍ମୁଖରେ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ପାଚିକା ସହାୟିକାମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ବି ଇ ଓ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ମୋହନା ବିଇଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । କମ୍ରେଡ୍ ପପୁନ ସାହୁ , କିସାନ ସାହୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା ।

*ପ୍ରଧାନମନ୍ତ୍ରୀଙ୍କର . . .*

*( ୧ମ ପୃଷ୍ଠାର ଅବଶିଷ୍ଟାଂଶ)*

ଆକଳନ କରିବା ପାଇଁ ଦେଶ ଭିତରେ ହେଉଥିବା ସମସ୍ତ ଉତ୍ପାଦନ ବା ଜିଡିପି (Gross Domestic Product) ଏକ ପରିସଂଖ୍ୟାନିକ/ସଂଖ୍ୟାତାତ୍ତ୍ୱିକ ମାଧ୍ୟମ। ଏହି ସଂଖ୍ୟାତତ୍ତ୍ୱର ହିସାବ କିତାବର ଗଭୀରତାକୁ ନଯାଇ ଏତିକି କୁହାଯାଇପାରିବ ଯେ ଦେଶରେ ହେଉଥିବା ସମଗ୍ର ଉତ୍ପାଦନର ଏହା ଏକ ସୂଚକ। ଦେଶର ସମସ୍ତ ଉତ୍ପାଦନକୁ ଏଥିରେ ହିସାବକୁ ନିଆଯାଏ, ତା' ଶିଳ୍ପ ଓ କୃଷି ଉତ୍ପାଦନ ହେଉ କିମ୍ବା ପରିସେବା ବଦଳରେ ମିଳୁଥିବା ଅର୍ଥ ହେଉ। ମନେ ରଖିବାକୁ ହେବ ଭାରତ ଭଳି ଏକ ପୁଞ୍ଜିବାଦୀ ଦେଶରେ ଉତ୍ପାଦନର ଅଧିକାଂଶ ସାଧନ ପୁଞ୍ଜିପତିମାନଙ୍କ ହାତରେ। ସ୍ୱାଭାବିକ ଭାବେ ଦେଶର ଉତ୍ପାଦନର ସିଂହଭାଗ ମଧ୍ୟ ପୁଞ୍ଜିପତିମାନଙ୍କ ଅଲ୍ପିଆରରେ - ସେ ଆଦାନୀ, ଅମ୍ବାନୀ, ଟାଟା, ବିରଳା ହୁଅନ୍ତୁ କିମ୍ବା ଭାରତରେ କଳକାରଖାନା ସ୍ଥାପନ କରିଥିବା ବହୁଦେଶୀୟ କମ୍ପାନୀମାନେ ହୁଅନ୍ତୁ। ଏହି ଉତ୍ପାଦନ ଆକଳନରେ ଅବଶ୍ୟ କମ ମଜୁରୀରେ ଖଟୁଥିବା କୃଷି ଶ୍ରମିକ, ପର ଘରେ ବାସନ ମାଜୁଥିବା ମହିଳା ଶ୍ରମିକ, କୁଶଳୀ ଓ ଅଣକୁଶଳୀ ଶିଳ୍ପ ଶ୍ରମିକମାନଙ୍କ ଉତ୍ପାଦନ ବି ଯୋଡା ଯାଇଥାଏ। ଏ ପରିସ୍ଥିତିରେ ଯଦି ଯୁକ୍ତି ଖାତିରରେ ମାନି ନିଆଯାଏ ଯେ ଜିଡିପିର ଅଭିବୃଦ୍ଧି ହୋଇଛି ସେଥିରେ ଆନନ୍ଦିତ ହେବାର କିଛି ନାହିଁ।

### ପ୍ରତାରଣା

ବାର ବର୍ଷ ପୂର୍ବରୁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି ସରକାର କେନ୍ଦ୍ରରେ କ୍ଷମତାକୁ ଆସିବା ପରେ ଦେଶର ଅନେକ ଅନୁଷ୍ଠାନକୁ ପରିକଳ୍ପିତ ଭାବେ ଧ୍ୱଂସ ମୁହଁକୁ ଠେଲିଦିଆଯାଇଛି - ବିଚାର ବ୍ୟବସ୍ଥା, ଶିକ୍ଷା ବ୍ୟବସ୍ଥା, ନିର୍ବାଚନ କମିଶନ, ସୂଚନା ଅଧିକାର କମିଶନ ତାର ଜ୍ୱଳନ୍ତ ଉଦାହରଣ। ଏହି ପର୍ଯ୍ୟାୟରେ ଦେଶରେ ଯେଉଁ ପରିସଂଖ୍ୟାନିକ ଅନୁଷ୍ଠାନଗୁଡିକ ଆପାତଃ ସ୍ୱାଧୀନ ଭାବରେ କାମ କରୁଥିଲେ, ସେଗୁଡିକ ମଧ୍ୟ ବାଦ ଯାଇନାହାନ୍ତି। ପୂର୍ବରୁ ଭାରତରେ ପରିସଂଖ୍ୟାନ ବିଜ୍ଞାନ ବିଶ୍ୱସ୍ତରୀୟ ଥିଲା ଏବଂ ଏହି ସଂସ୍ଥାଗୁଡିକ ଜାରି କରୁଥିବା ପରିସଂଖ୍ୟାନର ବିଶ୍ୱବ୍ୟାପୀ ବିଶ୍ୱସନୀୟତା ଥିଲା। ଆଜି ଏହି ସଂସ୍ଥାଗୁଡିକ କେବଳ ସରକାରଙ୍କୁ ସୁହେଇଲା ଭଳି ପରିସଂଖ୍ୟାନ ଜାରି କରୁଛନ୍ତି ଯାହା ସାରା ବିଶ୍ୱର ପରିସଂଖ୍ୟାନବିତ୍ ମାନଙ୍କଦ୍ୱାରା ଉପହସିତ ହେଉଛି। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଏବେ ଯେଉଁ ଜିଡିପି ଅଭିବୃଦ୍ଧିକୁ ନେଇ ଡିଣ୍ଡିମ ପିଟୁଛନ୍ତି ତା' ଦେଖାଯାଉ।

ଜିଡିପିର ଆକଳନ ପାଇଁ ବିଭିନ୍ନ ଉପାୟ ଅଛି। ଦୁଇଟି ସମୟର ଜିଡିପିର ତୁଳନା କଲାବେଳେ ଦୁଇ ସମୟର ଜିଡିପି ସମାନ ଉପାୟରେ ଆକଳନ ହେବା ଦରକାର। ପୂର୍ବରୁ ଜିଡିପିର ଆକଳନ ଯେଉଁ ଉପାୟରେ କରାଯାଉଥିଲା ଏଥର ସରକାର ସେ ଉପାୟଟିକୁ ବଦଳେଇ ଦେଇଛନ୍ତି। ବଦଳେଇ ଦେବାର ମୁଖ୍ୟ କାରଣ ହେଲା, ଏହି ବଦଳେଇବା ଫଳରେ ଅର୍ଥନୈତିକ ଅଭିବୃଦ୍ଧିର ଯେଉଁ ହାର ମିଳିବ ତା ସରକାରଙ୍କୁ ସୁହେଇବ ଏବଂ ସରକାର ସେହି ବୃଦ୍ଧିକୁ ନେଇ ଡିଣ୍ଡିମ ପିଟିବେ। ମନେ କରାଯାଉ, ବର୍ଷେ ପୂର୍ବରୁ ଜଣକର ଆୟ ୫ ଟଙ୍କା ଥିଲା ଯାହା ଏ ବର୍ଷ ବଢି ୬ ଟଙ୍କା ହେଇଛି। ଅର୍ଥାତ ବୃଦ୍ଧି ହେଇଛି ୨୦%। ଯଦି ଗତବର୍ଷର ଆୟକୁ କୌଣସି ଉପାୟରେ ୫ ଟଙ୍କା ବଦଳରେ ୪ଟଙ୍କା ବୋଲି ଦର୍ଶାଯାଏ, ତେବେ ଅଭିବୃଦ୍ଧି ହେଇଯିବ ୫୦%। ସଂପ୍ରତି ସରକାର ଜିଡିପି ଆକଳନ କରିବାର ଯେଉଁ ସୂତ୍ର ବାହାର କରିଛନ୍ତି, ତା' ଅନେକଟା ଏଇ ଧରଣର। କିଛି ଦିନ ପୂର୍ବରୁ କେନ୍ଦ୍ର ସରକାରଙ୍କର ଅର୍ଥ ବିଭାଗର ସର୍ବୋଚ୍ଚ ଅମଲା, ପୂର୍ବତନ ବିତ ସଚିବ ସୁଭାଷ ଗର୍ଗ ଏହି ସରକାରୀ ହଟଚମଟକୁ ପ୍ରଶ୍ନ କରିଛନ୍ତି। ନିଜର ପାରିବାପଣିଆ ଦେଖେଇବାକୁ ବିଜେପି ସରକାର କେମିତି ଯେକୌଣସି ସ୍ତରକୁ ଖସି ଯାଇପାରେ ଏହା ତା'ର ଗୋଟିଏ ଭଲ ଉଦାହରଣ। ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ ମଧ୍ୟ ଏ ସଂଖ୍ୟାକୁ ନେଇ ତାଙ୍କର ସନ୍ଦେହ ବ୍ୟକ୍ତ କରିଛନ୍ତି। ତାଙ୍କ ମତରେ ଏତେ ଯଦି ଅଭିବୃଦ୍ଧି ହେଲା, ସେ ଅନୁସାରେ ପୁଞ୍ଜିନିବେଶ ବି ବଢିବା କଥା, ନୂଆ ନୂଆ କଳ କାରାଖାନା ପ୍ରତିଷ୍ଠା ହୋଇ ଜନସାଧାରଣଙ୍କୁ ନିଯୁକ୍ତି ମିଳିବା କଥା। କିନ୍ତୁ ଏସବୁ ତ କାହିଁ ଦେଖା ଯାଉନାହିଁ!

### ବେଲ ପାଟିଲେ କାଉର କି ଯାଏ

ତେବେ ଯୁକ୍ତି ଖାତିରରେ ଯଦି ଧରି ନିଆଯାଏ ଯେ ସରକାରୀ ହିସାବରେ ସତ୍ୟତା ଅଛି, ସେଥିରେ ସାଧାରଣ ଜନତାଙ୍କୁ କି ଲାଭ ମିଳିବ ? ଏ କଥା ଅବଶ୍ୟ ସତ ଯେ ଭାରତ ଗୋଟିଏ ଶ୍ରେଣୀ ବିଭାଜିତ ପୁଞ୍ଜିବାଦୀ ରାଷ୍ଟ୍ର। ଆଜି ପୃଥିବୀରେ ପ୍ରାୟ ସମସ୍ତ ଦେଶ ପୁଞ୍ଜିବାଦୀ ଏବଂ ସ୍ୱାଭାବିକ ଭାବେ ଶ୍ରେଣୀ ବିଭାଜିତ ମଧ୍ୟ। କିନ୍ତୁ ଭାରତ ଭଳି ଅସମାନ ସମାଜ କ୍ୱଚିତ ଅଛି। ୱାର୍ଲଡ ଇନଇକ୍ୱାଲିଟି ଲାବ୍ର ହିସାବ ଅନୁଯାୟୀ ଭାରତର ଉପର ୧% ଲୋକଙ୍କ ପାଖରେ ଦେଶର ସମ୍ପତ୍ତିର ୪୦% ଅଛି। ଉପରୁ ପ୍ରଥମ ୧୦%ଙ୍କ ହାତରେ ମୋଟ ସମ୍ପତ୍ତିର ୬୫% ଅଛି, ଆଉ ତଳ ୫୦ଭାଗ ଲୋକଙ୍କ ପାଖରେ ଦେଶର ସମ୍ପତ୍ତିର ମାତ୍ର ୬.୪% ଅଛି। ଆୟର ବଣ୍ଟନ ବିନ୍ୟାସ ମଧ୍ୟ ସେହିଭଳି। ଉପର ୧୦% ଲୋକଙ୍କ ଭାଗରେ ଜାତୀୟ ଆୟର ୫୮% ଥିଲାବେଳେ ତଳ ୫୦%ଙ୍କ ହାତରେ ଅଛି ଜାତୀୟ ଆୟର ମାତ୍ର ୧୫%। ଭାରତରେ ଅର୍ଥନୀତିରେ ଉଦାରୀକରଣ, ଘରୋଇକରଣ ଓ ଜଗତୀକରଣର ପ୍ରଚଳନ ପରେ ଜାତୀୟ ସମ୍ପତ୍ତି ଓ ଜାତୀୟ ଆୟର ଆବଣ୍ଟନରେ ଏହି ତାରତମ୍ୟ ବଢି ବଢି ଚାଲିଛି। ୨୦୦୦ ମସିହା ପରଠାରୁ ଏହି ତାରତମ୍ୟ ବେଗବାନ ହେଇଛି ଏବଂ ନରେନ୍ଦ୍ର ମୋଦୀଙ୍କ ଶାସନ କାଳରେ ଆକାଶ ଛୁଇଁଛି। ବିଡମ୍ବନାର ବିଷୟ ହେଲା, ଏପରିକି ସ୍ୱାଧୀନତା ପୂର୍ବରୁ ଔପନିବେଶିକ ଶାସନ କାଳରେ ମଧ୍ୟ ସମ୍ପତ୍ତି ବଣ୍ଟନ କ୍ଷେତ୍ରରେ ଏହି ଧରଣର ତାରତମ୍ୟ ଦେଖିବାକୁ ମିଳୁନଥିଲା। ତେଣୁ ଯୁକ୍ତି ଖାତିରରେ, ଯଦି ବା ଜିଡିପିର ଅଭିବୃଦ୍ଧି ଘଟିଥାଏ, ତା' ହେଲେ କାହାର ସମ୍ପତ୍ତି, କାହାର ଆୟ ବଢିଥିବ ତା' ବୁଝେଇ କହିବାର ଆବଶ୍ୟକତା ନାହିଁ। ଏଥିରେ ସାଧାରଣ ଜନତାଙ୍କର ଅର୍ଥନୈତିକ ଅବସ୍ଥାର କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ।

ପ୍ରଧାନମନ୍ତ୍ରୀ ତାଙ୍କର ଅଭିନନ୍ଦନ ବାର୍ତ୍ତାର ଶେଷରେ କହିଛନ୍ତି, ଏମିତି ଉଚ୍ଚ ଅଭିବୃଦ୍ଧି ହାର ବଳବତ୍ତର ରହିଲେ ୨୦୪୭ ବେଳକୁ ଆମେ ଗୋଟିଏ ବିକଶିତ ଭାରତ ଦେଖିବାକୁ ପାଇବା। ଯେ କୌଣସି ମଣିଷର କିମ୍ବା ଦେଶର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଥାଏ। ପ୍ରଧାନମନ୍ତ୍ରୀଙ୍କ ଅଭିଧାନରେ କେବଳ ଭବିଷ୍ୟତ କାଳ ଅଛି, କାରଣ ଅତୀତରେ, ସିଏ ଶାସନ କ୍ଷମତାକୁ ଆସିବା ଆଗରୁ, କିଛି ହେଇନଥିଲା, କିଛି ନଥିଲା ବୋଲି ବିଜେପି ପକ୍ଷରୁ ପ୍ରଚାର ହେଉଛି। ଭଲ ଦିନ (ଅଚ୍ଛେ ଦିନ୍)ର ସ୍ଲୋଗାନ ଦେଇ ସେ କ୍ଷମତାକୁ ଆସିଲେ। ତାଙ୍କର ଶାସନ କାଳରେ ଜନସାଧାରଣ ଭଲ ଦିନ ତ ଦେଖିବାକୁ ପାଇଲେ ନାହିଁ, ବେକାରୀ, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପତ୍ରର ଅହେତୁକ ଦରବୃଦ୍ଧି, ଉତ୍କଟ ବେକାରୀ (ବିଗତ ୪୦/୪୫ ବର୍ଷ ଭିତରେ ବେକାରୀର ହାର କେବେ ବି ଏତେ ହେଇ ନଥିଲା), ଦେଶ ଭିତରେ ସାମ୍ପ୍ରଦାୟିକତାବାଦର ବିଷ ବପନ କରିବା ଓ ବୈଦେଶିକ ନୀତିରେ ସମସ୍ତ ନୀତିନୈତିକତାକୁ ଜଳାଞ୍ଜଳି ଦେବା, ମାର୍କିନ ସାମ୍ରାଜ୍ୟବାଦ ଆଗରେ ଲଜ୍ଜାହୀନ ଭାବେ ମଥାନତ କରିବା ହିଁ ଆମେ ଦେଖିବାକୁ ପାଇଲେ ଏବଂ ପାଇ ଚାଲୁଛୁ। ବିମୁଦ୍ରୀକରଣ ଦ୍ୱାରା ଦେଶର ଅର୍ଥନୀତିର ସର୍ବନାଶ କରିବା ଏବଂ କୋଭଡ୍ ମହାମାରୀ ସମୟରେ ଚରମ ଦାୟିତ୍ୱହୀନତା ଓ କୁପରିଚାଳନାର ସ୍ମୃତି ଆଜି ବି ଜନମାନସରେ ତାଜା ଅଛି। ଅତୀତରେ କିଛି ନଥିଲା ଓ ନିଜର ଅପାରଗତା ପାଇଁ ବର୍ତ୍ତମାନ ବି ବିଫଳ ହେଲା। ଭବିଷ୍ୟତ ମଧ୍ୟ ଘୁଂ ଘୁଂ ଯାଉଛି। ପ୍ରଥମେ କୁହାଗଲା ଯେ ଦୁଇବର୍ଷରେ ଚାଷୀମାନଙ୍କ ଆୟ ଦି'ଗୁଣ ହେଇଯିବ। ତା' ପରେ କୁହାଗଲା ଯେ ସ୍ୱାଧୀନତାର ୭୫ ବର୍ଷ ହେବ ଅମୃତକାଳ, ଅମୃତ ବର୍ଷ। ହେବ। ତା'ବି ହେଲାନାହିଁ। ଏବେ କୁହାଯାଉଛି ସ୍ୱାଧୀନତାର ୧୦୦ ବର୍ଷ ପୂର୍ତି ବେଳକୁ, ଅର୍ଥାତ ୨୦୪୭ ବେଳକୁ ଭାରତ ହେବ ଏକ ବିକଶିତ ଦେଶ। ୨୦୪୭ ହେବାକୁ ଆହୁରି ୨୧ ବର୍ଷ ବାକି ଅଛି। ସେତେ ବେଳକୁ ପ୍ରଧାନମନ୍ତ୍ରୀ ହୁଏତ ନଥିବେ। ରୋଜଗାର ଦାବିରେ ଆନ୍ଦୋଳନ କରୁଥିବା ୨୦/୨୫ର ଯୁବକମାନେ ୪୦/୪୫ ବର୍ଷର ପ୍ରୌଢ ହେଇ ସାରିଥିବେ। ବର୍ତ୍ତମାନର ଧାରାରେ ବିକାଶ ହେଇଚାଲିଲେ ପ୍ରଧାନମନ୍ତ୍ରୀଙ୍କ ପ୍ରିୟ ପୁଞ୍ଜିପତି ମାନଙ୍କର ସମ୍ପତ୍ତି ଓ ଆୟ ଅବଶ୍ୟ ଆହୁରି ବଢିବ, ବହୁଗୁଣିତ ହେବ, ସମାଜରେ ପୁଞ୍ଜିପତି ଓ ଜନସାଧାରଣଙ୍କ ଭିତରେ ସମ୍ପତ୍ତି ଓ ଆୟର ବ୍ୟବଧାନ ଆହୁରି ବଢିବ। ସାଧାରଣ ଲୋକଙ୍କ ଅବସ୍ଥା ଆହୁରି ଦୁର୍ବିସହ ହେବ।

★★★

# ବସ୍ତି ବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରଦାନ ଓ ବସ୍ତି ଉଚ୍ଛେଦ ବନ୍ଦ ଦାବିରେ କଟକରେ ବିକ୍ଷୋଭ

ତୁରନ୍ତ ବସ୍ତି ବାସିନ୍ଦାଙ୍କୁ ଭୂମି ଅଧିକାର (ଲ୍ୟାଣ୍ଡ ରାଇଟ୍ସ) ଦେବା, ବିନା ଥଇଥାନରେ ଲଗାତାର ଚାଲିଥିବା ବସ୍ତି ଉଚ୍ଛେଦ ବନ୍ଦ କରିବା, ବସ୍ତି ବାସିନ୍ଦା ମାନଙ୍କର ଜୀବିକାର ସୁରକ୍ଷା ପାଇଁ କର୍ମସ୍ଥଳ ନିକଟରେ ଥଇଥାନ କରିବା, ସମ୍ବିଧାନ ଓ ଆଇନ ଅନୁସାରେ ବସ୍ତି ଗୁଡିକୁ ଓ ବସ୍ତି ବାସିନ୍ଦାଙ୍କୁ ମଣିଷ ରହିବା ଯୋଗ୍ୟ ପରିବେଶ ଯୋଗାଇ ଦେବା, କଟକ ମହାନଗରର ବସ୍ତି ଓ ବସ୍ତି ବାସିନ୍ଦାଙ୍କ ପୂର୍ଣ୍ଣ ତାଲିକା ସାର୍ବଜନୀନ କରିବା ଦାବିରେ ବସ୍ତି ବାସିନ୍ଦାଙ୍କ ମିଳିତ ମଂଚ ପକ୍ଷରୁ ସେପ୍ଟେମ୍ବର ୨୨ ତାରିଖରେ ବସ୍ତି ବାସିନ୍ଦାଙ୍କ ମିଳିତ ମଂଚ ଆହ୍ୱାନରେ ବସ୍ତି ବାସିନ୍ଦା ମାନଙ୍କର ଏକ ବିଶାଳ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଂଚି ବିକ୍ଷୋଭ ପ୍ରଦର୍ଶନ କରିଛି। ବିକ୍ଷୋଭ ସ୍ଥଳରୁ ଏକ ପ୍ରତିନିଧି ଦଳ ପାଂଚ ଦଫା ଦାବି ସମ୍ବଳିତ ସ୍ମାରକପତ୍ର




ଜିଲ୍ଲାପାଳଙ୍କ ଜରିଆରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ପ୍ରଦାନ କରିଛି। ବିକ୍ଷୋଭ ସ୍ଥଳରେ ବସ୍ତି ବାସିନ୍ଦାଙ୍କ ମିଳିତ ମଂଚର ଆବାହକ ଖଗେଶ୍ୱର ସେଠୀଙ୍କ ପରିଚାଳନାରେ ଓ ବସ୍ତି ବାସିନ୍ଦାଙ୍କ ଦାବିର ସମର୍ଥନରେ ବିଶ୍ୱାବସୁ ଦାସ, ରାଜକିଶୋର ମଲ୍ଲିକ, ବସନ୍ତ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବସ୍ତି ନେତା ଦୀପକ ଦାସ, ସ୍ୱାଧୀନୀ ବେହେରା, ସିପ୍ରା ମହାନ୍ତି, ସୁକାନ୍ତ ନାୟକ, ନୟନା ନାୟକ, ଗଙ୍ଗାଧର ଦଳାଇ, ସୁଜାତା ମହାପାତ୍ର, ବିଚିତ୍ର ପାତ୍ର, ଶିବ ବେହେରା,ସୁରେନ୍ଦ୍ର ନାଥ ମୁର୍ମୁ, ଚାନ୍ଦୁ ହେମ୍ବ୍ରମ, ଜିତୁ ମାରାଣ୍ଡି, ବାପି ମୁର୍ମୁ, ରେଣୁବାଳା ଦାସ, ଗୀତା ଦେବୀ ଶାହା, ସରସ୍ୱତୀ ସୂତାର, ଜ୍ୟୋସ୍ନା ପାଲ, ଶାନ୍ତିଲତା ପ୍ରଧାନ, ଧରଣୀଧର ମହାରଣା, ପ୍ରଦୀପ ସେନାପତି ମହେନ୍ଦ୍ର ପରିଡ଼ା, ରୀନା ମଲ୍ଲିକ, ଧନୀ ସାହୁ, ରିତା ଦଳାଇ କାହ୍ନୁ ଚରଣ ଦାଶ, ସୁଦର୍ଶନ ବାରିକ, ଦୀନବନ୍ଧୁ ନାୟକ ସସ୍ମିତା ଦାସ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ। ନିର୍ବାଚନରେ ବିଜୟୀ ହେଲେ ସମଗ୍ର ରାଜ୍ୟର ବସ୍ତି ବାସିନ୍ଦା ମାନଙ୍କୁ ସ୍ଥାୟୀ ଜମି ପଟ୍ଟା ଦିଆଯିବବୋଲି ବିଜେପି ଦଳ ଘୋଷଣା କରିଥିଲେ ମଧ୍ୟ କ୍ଷମତାକୁ ଆସିବାର ପ୍ରାୟ ଅଢ଼େଇ ବର୍ଷ ପରେ ମଧ୍ୟ ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିନାହିଁ। ପଟ୍ଟା ଦେବା ତ ଦୂରର କଥା ଗୋଟିଏ ପରେ ଗୋଟିଏ ବସ୍ତି ଅତ୍ୟନ୍ତ ଅମାନବୀୟ ଭାବରେ ଉଚ୍ଛେଦ କରାଯାଉଛି ଏବଂ ଗେଜେଟ ପ୍ରକାଶ କରି ବସ୍ତି ବାସିନ୍ଦାଙ୍କ ଭୂମି ଅଧିକାର ଛଡ଼ାଇ ନିଆଯାଉଛି। ତୁରନ୍ତ ଏହି ଜନବିରୋଧୀ ଗେଜେଟ ପ୍ରତ୍ୟାହାର ନହେଲେ ଦୁର୍ବାର ଆନ୍ଦୋଳନ ହେବବୋଲି ମଂଚ ପକ୍ଷରୁ ଘୋଷଣା କରାଯାଇଛି।

★★★

## କମ୍ରେଡ୍ ରବିନ୍ . . .

*(୩ୟ ପୃଷ୍ଠାର ଅବଶିଷ୍ଟାଂଶ)*

ଏହା ପରେ ମଧ୍ୟ ବିଭିନ୍ନ ଦାବିରେ ପଶ୍ଚିମବଙ୍ଗରେ ଆମ ଦଳ ଦଶ ଥର ସାଧାରଣ ଧର୍ମଘଟର ଡାକରା ଦେଇଛି । ୧୯୯୪ ମସିହା ପର୍ଯ୍ୟନ୍ତ ଏହି ରାଜ୍ୟର ବିଭିନ୍ନ କାର୍ଯ୍ୟକ୍ରମରେ, ଆନ୍ଦୋଳନରେ କମ୍ରେଡ୍ ରବୀନ୍ ସମାଜପତି ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିଛନ୍ତି ।

ଏହାପରେ ପାଟନାରେ ଏଆଇଡିଏସ୍‌ଓର ସର୍ବଭାରତୀୟ ସମ୍ମିଳନୀ ପ୍ରସ୍ତୁତି କାର୍ଯ୍ୟର ତଦାରଖ ନିମନ୍ତେ ୧୯୯୫ ମସିହାରେ ସେ ବିହାର ଯାଆନ୍ତି । ଏଥିପୂର୍ବରୁ ମଧ୍ୟ ଏଆଇଡିଏସ୍‌ଓର ସାଧାରଣ ସମ୍ପାଦକ ଭାବେ ସେ ବିହାର ଯାଇଛନ୍ତି । ୧୯୯୪ ମସିହାରେ ପାଟନାରେ ସେ ବେଶ କିଛି ଦିନ ଧରି ଅବସ୍ଥାନ କରୁଥିଲେ ଏବଂ ସେଠିକାର ପାର୍ଟି ସଂଗଠନ ସହିତ ତାଙ୍କର ପରିଚୟ ଘଟିଥିଲା । ଏଆଇଡିଏସ୍‌ଓର ଏହି ସମ୍ମିଳନୀର ପ୍ରସ୍ତୁତି କାର୍ଯ୍ୟ ଯେତେବେଳେ ଚାଲୁଥିଲା, ସେତେବେଳେ ଦୀର୍ଘ ଦିନ ଧରି ଅବିଭକ୍ତ ବିହାର ପାର୍ଟିର ସମ୍ପାଦକ ଥିବା ଶଙ୍କର ସିଂଙ୍କର ଅଧଃପତନ ଘଟୁଥାଏ ଏବଂ ସେ ନାନା ଦଳ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ରହୁଥିଲେ । କମ୍ରେଡ୍ ଅମ୍ରିତେଶ୍ୱର ଚକ୍ରବର୍ତ୍ତୀ ସେତେବେଳେ ରାଜ୍ୟ ସମ୍ପାଦକ । କମ୍ରେଡ୍ ଶିବଶଙ୍କର, କମ୍ରେଡ୍ ହେମ ଚକ୍ରବର୍ତ୍ତୀଙ୍କ ଭଳି ବରିଷ୍ଠ ନେତାମାନେ ମଧ୍ୟ ଥିଲେ । କମ୍ରେଡ୍ ସ୍ୱପନ ଚାଟାର୍ଜୀ ଏହି ନେତାମାନଙ୍କର ନାମ ଉଲ୍ଲେଖ କରିଛନ୍ତି । ଏମାନେ ସମସ୍ତେ ହିଁ ସେତେବେଳେ ବୃଦ୍ଧ, ଅସୁସ୍ଥ । ଏହି ସମୟରେ ଶଙ୍କର ସିଂଙ୍କ ଅପପ୍ରଚାରର ମୁକାବିଲା କରିବା ପାଇଁ ବିହାର ପାର୍ଟି କେନ୍ଦ୍ରୀୟ କମିଟି ପାଖରେ ସାହାଯ୍ୟ ଚାହିଁଥିଲା । ଏହି ସଂକଟର ମୁକାବିଲା ନିମନ୍ତେ ବିହାରକୁ କମ୍ରେଡ୍ ପଠାଇବା ବ୍ୟପାରରେ କେନ୍ଦ୍ରୀୟ କମିଟି କମ୍ରେଡ୍ ରବୀନ ସମାଜପତିଙ୍କ ସହିତ ଅଳ୍ପ କେତେଜଣ ସିନିୟର କମ୍ରେଡ୍‌ଙ୍କ ନାମ ତାଲିକା ପ୍ରସ୍ତୁତ କରିଥିଲା । କିନ୍ତୁ ଶେଷ ପର୍ଯ୍ୟନ୍ତ କମ୍ରେଡ୍ ନୀହାର ମୁଖାର୍ଜୀ କମ୍ରେଡ୍ ରବୀନ୍ ସମାଜପତିଙ୍କୁ ହିଁ ଦାୟିତ୍ୱ ଦେଇ ପଠାଇ ଥିଲେ । ସେହି ସମୟର ଘଟଣା ବ୍ୟକ୍ତ କରିବାକୁ ଯାଇ ବିହାରର ବର୍ତ୍ତମାନର ପାର୍ଟି ରାଜ୍ୟ ସମ୍ପାଦକ କମ୍ରେଡ୍ ଅରୁଣ ସିଂ ଅଶ୍ରୁରୁଦ୍ଧ କଣ୍ଠରେ ମୋତେ କହିଛନ୍ତି, ରବୀନ୍ ଦା ନଥିଲେ ଆମେ ହୁଏତ ଏହି ଆକ୍ରମଣକୁ ପ୍ରତିହତ କରି ପାରି ନଥାନ୍ତୁ । ଆମର ସେତେବେଳେ ଅଫିସ୍ ନଥିଲା । ମି ୍ଦା(କମ୍ରେଡ୍ ଅମ୍ରିତେଶ୍ୱର ଚକ୍ରବର୍ତ୍ତୀ) ଓ ରବୀନ୍ ଦା ମଶିଣାରେ ଶୋଉଥିଲେ । ଆମେ କେତେବେଳେ କେତେବେଳେ ଚୁଡା ଗୁଡ ବା ଚୁଡା ଲୁଣ ସଂଗ୍ରହ କରି ଆଣୁଥିଲୁ, ଖୁବ୍ ଆନନ୍ଦ ସହକାରେ ସେମାନେ ତାହା ଖାଉଥିଲେ । ରବୀନ୍ ଦା ସେହି ସମୟରେ ବିହାରର ଜିଲ୍ଲାରେ ଜିଲ୍ଲାରେ ଘୁରୁଥିଲେ । ସେତେବେଳେ କର୍ମୀମାନଙ୍କ ମଧ୍ୟରେ ନାନା ସମସ୍ୟା, କ୍ଷୋଭ ଅସନ୍ତୋଷ ଥିଲା । କେହି ରାଗି ଯାଉଥାନ୍ତି, କଥା ଶୁଣିବାକୁ ଚାହୁଁ ନଥାନ୍ତି, କେହି କଟୁ ମନ୍ତବ୍ୟ କରୁଛନ୍ତି । ରବୀନ୍‌ଦା ଶାନ୍ତ ଭାବେ ଶୁଣି ଧିରସ୍ଥିରଭାବେ ସେମାନଙ୍କୁ ବୁଝାଉଥିଲେ । କେହି ହୁଏତ ମିଟିଂ ଆସି ନାହାନ୍ତି, ସେ ତାଙ୍କ ସହିତ ଆଲୋଚନା କରିବା ପାଇଁ ତାଙ୍କ ଘରକୁ ଚାଲି ଯାଉଥିଲେ । ଏହିଭଳି ଭାବେ ବିହାରର ପାର୍ଟି ସଂକଟରୁ ମୁକ୍ତ ହୋଇ ଶକ୍ତିଶାଳୀ ହୁଏ । ଶଙ୍କର ସିଂ ଭାବିଥିଲେ, ପୁରା ବିହାର ପାର୍ଟି ତାଙ୍କ ପକ୍ଷରେ ଚାଲିଯିବ । ଶେଷ ପର୍ଯ୍ୟନ୍ତ ଦୁଇ ତିନି ଜଣ ବ୍ୟତୀତ ସେ କାହାକୁ ପାଇ ନଥିଲେ । ପଶ୍ଚିମବଙ୍ଗରୁ ଏକ ସମ୍ପୂର୍ଣ୍ଣ ଅପରିଚିତ ବିହାର ଭଳି ରାଜ୍ୟକୁ ଯାଇ ଶଙ୍କର ସିଂଙ୍କ ପରି ଏତେ ଦିନର ଜଣେ ପ୍ରଭାବଶାଳୀ ବ୍ୟକ୍ତି ବିରୁଦ୍ଧରେ ଏହିଭଳି ଭାବେ ଲଢେଇ କରି ସଂଗଠନକୁ ରକ୍ଷା କରିବାର ସଂଗ୍ରାମ ପ୍ରକୃତରେ ଖୁବ୍ କଠିନ ଥିଲା । ଯଦିଓ ଅନ୍ୟ କମ୍ରେଡ୍‌ମାନେ ମଧ୍ୟ ତାଙ୍କୁ ସାହାଯ୍ୟ କରିଛନ୍ତି । କମ୍ରେଡ୍ ଅମ୍ରିତେଶ୍ୱର ଚକ୍ରବର୍ତ୍ତୀ, ଶିବଶଙ୍କର, ହେମଚନ୍ଦ୍ର ଚକ୍ରବର୍ତ୍ତୀ- ଏମାନେ ସମସ୍ତେ ହିଁ କମ୍ରେଡ୍ ରବୀନ୍ ସମାଜପତିଙ୍କୁ ଉପଦେଶ, ଉତ୍ସାହ ଦେଇଛନ୍ତି । କମ୍ରେଡ୍ ରବୀନ୍‌କୁ ସେମାନେ ଗଭୀରଭାବେ ଭଲ ପାଉଥିଲେ । କମ୍ରେଡ୍ ଅରୁଣ ସିଂ ମଧ୍ୟ ସର୍ବଦା ତାଙ୍କ ପାଖରେ ଥିଲେ । ଏହିଭଳି ଭାବେ ଧିରେ ଧିରେ ସେ ବିହାର ପାର୍ଟି ସଂଗଠନକୁ ଏକ ଦୃଢ ଭିତ୍ତି ଉପରେ ଠିଆ କରାଇବା କ୍ଷେତ୍ରରେ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ଭୂମିକା ପାଳନ କରିଛନ୍ତି ।

ଆହୁରି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଷୟ ମଧ୍ୟ କମ୍ରେଡ୍ ଅରୁଣ ସିଂ କହିଛନ୍ତି । ଶଙ୍କର ସିଂଙ୍କ ପରିଚାଳନାରେ ଦଳ ମଧ୍ୟରେ ଶୃଙ୍ଖଳା ବୋଲି କିଛି ନଥିଲା । କମିଟି ଫଙ୍କସନିଙ୍ଗ, ବଡି ଫଙ୍କସନିଙ୍ଗ ବୋଲି କିଛି ନଥିଲା । ବିପ୍ଳବୀ ରାଜନୀତିର ଚର୍ଚ୍ଚା ବା ବିପ୍ଳବୀ ଆଚରଣ ବିଧି ବୋଲି ମଧ୍ୟ କିଛି ନଥିଲା । ସବୁ କିଛି ଥିଲା ବିଶୃଙ୍ଖଳିତ । ପଶ୍ଚିମବଙ୍ଗରେ ପାର୍ଟି କାମ କରିବା ସମୟରେ କମ୍ରେଡ୍ ରବୀନ୍ ସମାଜପତି ଯେଉଁଭଳି ଭାବେ ପାର୍ଟିର ପରିଚାଳନା କାର୍ଯ୍ୟ ଦେଖିଛନ୍ତି, ନିଜେ କରିଛନ୍ତି, ବୁଝିଛନ୍ତି, ବିହାରରେ ସେହିଭଳିଭାବେ ସେ ଆରମ୍ଭ କରିଛନ୍ତି । ଆଉ ଗୋଟିଏ ବିଷୟ ମଧ୍ୟ ଅରୁଣ ସିଂ ମୋତେ କହିଛନ୍ତି, 'ବିହାରରେ ଯତ୍ନ ସହକାରେ ଦଳର କର୍ମୀ ତିଆରି କରିବା, କ୍ୟାଡର ତିଆରି କରିବା ବିଷୟଟି ନଥିଲା । ରବୀନ୍ ଦା ସେହି କାମଟି ବିହାର ପାର୍ଟିରେ ପ୍ରଚଳନ କରିଥିଲେ ଏବଂ ସେମାନଙ୍କ ମଧ୍ୟରୁ କିଛି କମ୍ରେଡ୍‌ଙ୍କୁ ବାଛି ମୋ ପାଖକୁ ପଠାଉଥିଲେ ।'

ବିହାରରେ ତାଙ୍କର ଏହି ଭୂମିକା ଉଲ୍ଲେଖ କରି ମୁଁ କମ୍ରେଡ୍‌ମାନଙ୍କୁ, ବିଶେଷକରି ଯୁବ କମ୍ରେଡ୍‌ମାନଙ୍କୁ କହିବି, ଅନେକ ସମୟରେ ସେମାନେ ସେମାନଙ୍କର ପରିଚିତ ଅଂଚଳ ଛାଡିବାକୁ ଚାହାନ୍ତି ନାହିଁ । କିଛି କିଛି କମ୍ରେଡ୍ ସେମାନଙ୍କ ନିଜ ଅଂଚଳ ବାହାରକୁ ଯିବାକୁ ଚାହାନ୍ତି, କିନ୍ତୁ ଅଧିକାଂଶ କମ୍ରେଡ୍ ଜିଲ୍ଲା ବାହାରକୁ, ରାଜ୍ୟ ବାହାରକୁ ବା ଅପରିଚିତ ଜାଗାକୁ ଯିବାକୁ ଚାହାନ୍ତି ନାହିଁ । ଅଥଚ ବାହାରେ, ଅପରିଚିତ ଅଂଚଳରେ ନୂତନଭାବେ କିଛି କରିବାକୁ ଗଲେ କମ୍ରେଡ୍‌ମାନଙ୍କର ଚରିତ୍ରର ବିକାଶ ଘଟେ । ପାର୍ଟି ଗଠନର ପ୍ରାରମ୍ଭିକ ସମୟରେ ପ୍ରୟାତ ଶ୍ରଦ୍ଧେୟ ନେତା କମ୍ରେଡ୍ ପ୍ରୀତିଶ ଚନ୍ଦ, କମ୍ରେଡ୍ ହୀରେନ୍ ସରକାର, କମ୍ରେଡ୍ ତାପସ ଦତ୍ତ, କମ୍ରେଡ୍ ଅମ୍ରିତେଶ୍ୱର ଚକ୍ରବର୍ତ୍ତୀ ସମସ୍ତେ ହିଁ ଏହିଭଳି ଭାବରେ ଅନ୍ୟ ରାଜ୍ୟକୁ ଯାଇ ସଂଗଠନ ଗଢି ତୋଳିଛନ୍ତି ଏବଂ ଏହି ପ୍ରକ୍ରିୟାରେ ନିଜେ ମଧ୍ୟ ନେତୃତ୍ୱର ସ୍ତରକୁ ଉନ୍ନିତ ହୋଇଛନ୍ତି । ସମାନ ଭାବେ ପରବର୍ତ୍ତୀ ସମୟରେ କମ୍ରେଡ୍ ମୁବିନୁଲ ହାଇଦାର ଚୌଧୁରୀ ବାଙ୍ଗଲାଦେଶ ଯାଇଛନ୍ତି ଏବଂ କମ୍ରେଡ୍ ଶିବଦାସ ଘୋଷଙ୍କ ଶିକ୍ଷାରେ ନୂତନ ଦଳ ବାସଦ(ମାର୍କ୍ସବାଦୀ) ପ୍ରତିଷ୍ଠା କରିଛନ୍ତି । ଆସାମରେ କମ୍ରେଡ୍ ଅସିତ୍ ଭଟ୍ଟାଚାର୍ଯ୍ୟ ଏହିଭଳିଭାବେ ଦଳ ଗଢି ତୋଳିଛନ୍ତି । ଉଭୟେ ହିଁ ଉନ୍ନତ ସ୍ତରକୁ ଉନ୍ନୀତ ହୋଇଛନ୍ତି । ଏହି ସମାନ ଘଟଣା କମ୍ରେଡ୍ ରବୀନ ସମାଜପତିଙ୍କ କ୍ଷେତ୍ରରେ ମଧ୍ୟ ଘଟିଛି । ବିହାରରେ ପାର୍ଟିର ସଂକଟ ମୁହୂର୍ତ୍ତରେ କାମ କରିବାକୁ ଯାଇ ସେ ପାର୍ଟିକୁ ଯେ କେବଳ ରକ୍ଷା କରିଛନ୍ତି ତା ନୁହେଁ, ଏହା ଦ୍ୱାରା ପଶ୍ଚିମବଙ୍ଗରେ କାମ କଲା ବେଳେ ତାଙ୍କର ଯେଉଁ ଷ୍ଟାଣ୍ଡାଡ୍ ଥିଲା, ତାକୁ ଅନେକ ଉନ୍ନତ ସ୍ତରକୁ ମଧ୍ୟ ଉନ୍ନିତ କରିଛନ୍ତି । ନୂତନ ଜାଗାରେ, ଅପରିଚିତ ଅଂଚଳରେ ବାଧା ବିପତ୍ତି ମଧ୍ୟରେ କାମ କରିବାକୁ ଯାଇ, ସଂଗ୍ରାମ କରିବାକୁ ଯାଇ ତ ଚରିତ୍ରର ବିକାଶ ଘଟେ । ଜୁନିୟର କମ୍ରେଡ୍‌ମାନଙ୍କୁ ଏହିଭଳି ଚରିତ୍ରମାନଙ୍କ ନିକଟରୁ ଶିକ୍ଷା ଗ୍ରହଣ କରିବାକୁ କହିବି ।

୨୦୦୦ ମସିହାରେ ବିହାର ବିଭକ୍ତ ହୋଇ ଝାଡଖଣ୍ଡ ରାଜ୍ୟ ଗଠିତ ହେଲା । ସେହି ସମୟରେ ଝାଡଖଣ୍ଡର କମ୍ରେଡ୍‌ମାନେ ଚାହିଁଛନ୍ତି କମ୍ରେଡ୍ ରବୀନ୍ ସମାଜପତି ସେମାନଙ୍କ ସହିତ ସେଠାରେ ରୁହନ୍ତୁ । ପୁଣି ବିହାରର କମ୍ରେଡ୍‌ମାନେ ଚାହିଁଛନ୍ତି, କମ୍ରେଡ୍ ରବୀନ୍ ସମାଜପତି ବିହାରରେ ସେମାନଙ୍କ ସହିତ ରୁହନ୍ତୁ । ମୁଁ ସେହି ମିଟିଂରେ ଥିଲି । ବିହାରର କମ୍ରେଡ୍‌ମାନଙ୍କ ମଧ୍ୟରେ କମ୍ରେଡ୍ ରବୀନ୍ ସମାଜପତିଙ୍କ ପ୍ରତି ଥିବା ଆବେଗ ମୁଁ ନିଜ ଆଖିରେ ଦେଖିଛି, ସେମାନଙ୍କ ଆଖିର ଲୁହ ଦେଖିଛି । ସେମାନେ ତାଙ୍କୁ ଛାଡିବାକୁ ଚାହୁଁ ନଥିଲେ । ରବୀନ୍ ସମାଜପତିଙ୍କର ମଧ୍ୟ ନିଶ୍ଚୟ ଏହି ସମ୍ପର୍କ ପ୍ରତି ଗଭୀର ଆବେଗ ଏବଂ ଆକର୍ଷଣ ଥିଲା । କିନ୍ତୁ ପାର୍ଟି ଯେତେବେଳେ ସିଦ୍ଧାନ୍ତ ନେଲା ତାଙ୍କୁ ଝାଡଖଣ୍ଡ ଆସିବାକୁ ହେବ, ସେତେବେଳେ ସେ ଝାଡଖଣ୍ଡ ଚାଲି ଆସିଲେ । ସେହି ସମୟରେ ଝାଡଖଣ୍ଡ ରାଜ୍ୟ ସାଂଗଠନିକ କମିଟିର ସମ୍ପାଦକ ଥିଲେ ପାର୍ଟିର ଜଣେ ଅତ୍ୟନ୍ତ ସମ୍ମାନସ୍ପଦ ନେତା କମ୍ରେଡ୍ ହେମଚନ୍ଦ୍ର ଚକ୍ରବର୍ତ୍ତୀ । ସେ କିନ୍ତୁ ଥିଲେ ବୃଦ୍ଧ ଓ ଶାରିରୀକଭାବେ ଦୁର୍ବଳ । ସେ ଦୀର୍ଘ ଦିନ ଧାନବାଦରେ ରହୁଥିଲେ । ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଯୋଗୁଁ ତାଙ୍କର ପରିବାର ଲୋକେ ତାଙ୍କୁ ଛାଡୁ ନଥିଲେ । ସେ ବୁଝାଇବାକୁ ଚାହିଁଛନ୍ତି କିନ୍ତୁ ପରିବାର ଲୋକ ଅଟକାଇଛନ୍ତି । ଦୀର୍ଘ ଦିନ ଧରି ଏହି ଲଢେଇ ଚାଲୁଥିଲା । ଫଳରେ ପାର୍ଟି ସଂଗଠନକୁ ସେହିଭଳିଭାବରେ ଦେଖିବାକୁ କେହି ନଥିଲେ । ଝାଡଖଣ୍ଡ ରାଜ୍ୟର ପାର୍ଟିର ନେତା କମ୍ରେଡ୍ ସୁମିତ୍ ରାୟ ମୋତେ କହିଛନ୍ତି, ଝାଡଖଣ୍ଡ ରାଜ୍ୟ ସାଂଗଠନିକ କମିଟିର ସମ୍ପାଦକ କମ୍ରେଡ୍ ହେମଚନ୍ଦ୍ର ଚକ୍ରବର୍ତ୍ତୀ ଆସି ପାରୁ ନଥିଲେ । କମ୍ରେଡ୍ ରବୀନ୍ ସମାଜପତି କମ୍ରେଡ୍ ହେମଚନ୍ଦ୍ର ଚକ୍ରବର୍ତ୍ତୀଙ୍କୁ ଯଥାର୍ଥ ଶ୍ରଦ୍ଧାର ଆସନରେ ରଖି ଦଳର ସମସ୍ତ କାର୍ଯ୍ୟକ୍ରମ ଦେଖାଶୁଣା କରୁଥିଲେ । ଏଭଳିଭାବେ କରୁଥିଲେ ଯେମିତି ସେ ନୁହଁନ୍ତି, ରାଜ୍ୟ ସମ୍ପାଦକ ହିଁ ସବୁ କିଛି ପରିଚାଳନା କରୁଛନ୍ତି । ଏହି ଭୂମିକା ଅତ୍ୟନ୍ତ ବିରଳ, ଦୃଷ୍ଟାନ୍ତମୂଳକ ଓ ଶିକ୍ଷଣୀୟ ।

ପୂର୍ବରୁ ଗୋଟିଏ ସମୟରେ ରା ୍ରେ ସଂଗଠନର କିଛି କାମ ଚାଲିଥିଲା । କିନ୍ତୁ ଏଠିକାର ସଂଗଠନର ଦାୟିତ୍ୱରେ ଥିବା କମ୍ରେଡ୍ ଜଣଙ୍କର ଏକ ମଟର ଗାଡି ଦୁର୍ଘଟଣାରେ ମୃତ୍ୟୁ ହୁଏ । ଏହା ପରେ ରା ୍ରେ ସଂଗଠନର କାମ ପ୍ରାୟ ନଥିଲା କହିଲେ ଚଳେ । ରା ୍ରେ କମ୍ରେଡ୍ ରବୀନ୍ ସମାଜପତି ଆସି ରହିବା ପରେ ପୁଣି ପାର୍ଟି କାମ ଆରମ୍ଭ ହୁଏ । ଏହି ସମୟରେ ଯେତେବେଳେ ସେ କଲିକତା ଆସୁଥିଲେ, ମୁଁ ପଚାରୁଥିଲି, ପାର୍ଟି କାମ ଠିକ୍‌ଠାକ୍ ଚାଲିଛି ତ ? ସେ କହୁଥିଲେ- ଏଇଟା ହେଉଛି, ସେଇଟା ହେଉଛି । କିନ୍ତୁ ମୁଁ ଏଇଟା କରିଛି, ସେଇଟା କରିଛି, ଏହି କଥା ମୁଁ କେବେ ତାଙ୍କ ମୁହଁରୁ ଶୁଣିବାକୁ ପାଇ ନାହିଁ । ଆଜିର ଶ୍ରଦ୍ଧାର୍ଘ୍ୟରେ ମଧ୍ୟ ଏକଥା କୁହାଯାଇଛି । ପଶ୍ଚିମବଙ୍ଗରେ ମଧ୍ୟ ଯେତେବେଳେ ସେ କାମ କରୁଥିଲେ ସେତେବେଳେ ମଧ୍ୟ ତାଙ୍କ ଭିତରେ ଏହି ବିଷୟଟି ପରିଷ୍କାର ଭାବେ ଦେଖିଛି । ଅଥଚ ଏହି କାମଗୁଡ଼ିକ ସେ ନିଜେ ହିଁ କରିଛନ୍ତି ଯାହା ମୁଁ ପରେ ଜାଣିବାକୁ ପାଇଛି ।

ଝାଡଖଣ୍ଡରେ ସେତେବେଳେ ପାର୍ଟି ଅଫିସ୍ ବା ରହିବା ପାଇଁ କୌଣସି ସେ ର ନଥିଲା । କୌଣସି କୌଣସି ସମର୍ଥକଙ୍କ ଘରେ ସେ ରହୁଥିଲେ । ରାଜ୍ୟ ସାରା ବୁଲି ବୁଲି ନୂତନ ଯୋଗାଯୋଗ ବାହାର କରୁଥିଲେ । ସେ କେଉଁ ବର୍ଷର ଘଟଣା ତା' ମୋର ମନେ ପଡୁ ନାହିଁ । ପାର୍ଟି ସଂଗଠନର ବ୍ୟାପ୍ତି ଓ ଆନ୍ଦୋଳନ ଗଢି ତୋଳିବା କ୍ଷେତ୍ରରେ ସେ କେତେଗୁଡିଏ ଗୁରୁତ୍ୱପୂର୍ଣ୍ଣ କାମ କରିଥିଲେ । ସେଥିମଧ୍ୟରୁ ଗୋଟିଏ ହେଉଛି ରା ୍କୁ କେନ୍ଦ୍ର କରି କାମ କରିବାର ସିଦ୍ଧାନ୍ତ । ପରେ ସେଠାରେ ସେ ଏକ ଛୋଟ ଅଫିସ୍ ନେଇଥିଲେ । କିନ୍ତୁ କିଛି ଦିନ ପରେ ତାହା ହାତଛଡା ହୋଇଯାଏ । ସୁତରାଂ ପାର୍ଟିର ନିଜସ୍ୱ ଅଫିସ୍ କରିବା ପାଇଁ ସେ ଯେମିତି ଦୃଢ ସଂକଳ୍ପ ନେଇଥିଲେ । କିନ୍ତୁ ଉପଯୁକ୍ତ ଜାଗା ନାହିଁ, ଅର୍ଥ ନାହିଁ । ଅନ୍ୟମାନେ କହିଛନ୍ତି, ଆମେ ଋଣଭାରରେ ବୁଡିଯିବୁ । କମ୍ରେଡ୍ ରବୀନ୍ ସମାଜପତି କହିଛନ୍ତି, ଆମକୁ ଅଫିସ୍ କରିବାକୁ ହିଁ ହେବ, ଏଥିପାଇଁ ସମସ୍ତଙ୍କୁ ସଂଗ୍ରାମ କରିବାକୁ ହେବ । ତା' ପରେ ଧାର କରିଛନ୍ତି, ଚାନ୍ଦା ସଂଗ୍ରହ କରିଛନ୍ତି, କିଛି କିଛି ଟଙ୍କା ଯୋଗାଡ କରି ଖଣ୍ଡେ ଜମି କିଣି ଅଫିସ୍ କରିଛନ୍ତି । ପାଖରେ ଆର୍‌ଏସ୍‌ଏସ୍‌ର କାର୍ଯ୍ୟାଳୟ ଥିଲା । ଏହି ଜମିରେ ସେମାନେ ମନ୍ଦିର ତିଆରି କରିବାକୁ ଚାହୁଁଥିଲେ । ଏହାକୁ ନେଇ ସେମାନଙ୍କ ସହିତ ବିରୋଧ ହୋଇଥିଲା । କିନ୍ତୁ କମ୍ରେଡ୍‌ମାନେ ସ୍ଥାନୀୟ ଲୋକଙ୍କର ସମର୍ଥନ ଦ୍ୱାରା ଦଳର ଅଫିସ୍ ରକ୍ଷା କରି ପାରିଛନ୍ତି । ଆଜି ବି ସେହି ଅଫିସ୍ କାମ କରୁଛି ।

ଏହା ପରେ ରାଞ୍ଚିରେ ଆଦିବାସୀ ଏବଂ ଅଣ ଆଦିବାସୀ ଲୋକମାନଙ୍କ ମଧ୍ୟରେ ଚାକିରୀରେ ସଂରକ୍ଷଣକୁ ନେଇ ବିବାଦ ସୃଷ୍ଟି ହୁଏ । ଦଙ୍ଗା, ଲୁଟତରାଜ, ଘରଦ୍ୱାର ପୋଡିଦେବା ଭଳି ଘଟଣା ସବୁ ଘଟେ । ପରିସ୍ଥିତି ଭୟଙ୍କର ରୂପ ଧାରଣ କରେ । ସେଠିକାର ଅନ୍ୟାନ୍ୟ ଦଳ ଏପରିକି ବାମପନ୍ଥୀ ଦଳଗୁଡ଼ିକ ମଧ୍ୟ ଆଦିବାସୀ ପକ୍ଷ ନଚେତ୍ ଅଣ ଆଦିବାସୀ ପକ୍ଷ, ଏହିଭଳିଭାବରେ ବିଭକ୍ତ ହୋଇଯାଆନ୍ତି । ଉକ୍ତ ପ୍ରସଙ୍ଗ ଉପରେ କମ୍ରେଡ୍ ରବୀନ୍ ସମାଜପତିଙ୍କ ଉଦ୍ୟୋଗରେ ପାର୍ଟିର ଏକ ବକ୍ତବ୍ୟ ପୁସ୍ତିକା ଆକାରରେ ପ୍ରକାଶିତ ହୁଏ । ସ୍ଥାନୀୟ ଜନଗଣଙ୍କ ଉପରେ ଏହି ପୁସ୍ତିକାରେ ପ୍ରକାଶିତ ବକ୍ତବ୍ୟର ପ୍ରଭାବ ଖୁବ୍ ପଡେ । ଫଳରେ ଲୋକଙ୍କର ଚାହିଦା ଅନୁଯାୟୀ ସେହି ପୁସ୍ତିକା ବାରମ୍ବାର ଛାପିବାକୁ ପଡିଥିଲା । ସେହି ସମୟରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ଏହି ବକ୍ତବ୍ୟ ଜନସାଧାରଣଙ୍କୁ ଏହିଭଳି ଏକ ବିବଦମାନ

*(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)*

**କମ୍ରେଡ୍ ରବିନ୍...**

*(୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ)*

ବିଷୟକୁ ବୁଝି ସମସ୍ୟା ସମାଧାନ କ୍ଷେତ୍ରରେ ସଠିକ ପଥ ଦେଖାଇଥିଲା।

ପୂର୍ବରୁ ବିହାର ଏବଂ ଝାଡଖଣ୍ଡରେ ପାର୍ଟିର ପ୍ରତିଷ୍ଠା ଦିବସ ବିଭିନ୍ନ ଜିଲ୍ଲାରେ ବିକେନ୍ଦ୍ରିକଭାବେ ପାଳନ କରା ହେଉଥିଲା। କମ୍ରେଡ୍ ରବୀନ୍ ସମାଜପତି ହିଁ ପ୍ରଥମେ କେନ୍ଦ୍ରୀୟଭାବେ ସମାବେଶ କରିବାର ଉଦ୍ୟୋଗ ନେଇଥିଲେ। ଅନେକେ ହିଁ ଭରସା ପାଉ ନଥିଲେ। କମ୍ରେଡ୍ ରବୀନ୍ ସମାଜପତି ସେମାନଙ୍କୁ କହିଥିଲେ ଯେ, ଆମକୁ ଏହି ସମାବେଶ ସଫଳ କରିବାକୁ ହେବ। ତା' ପରେ ସେ ନିଜେ ହିଁ ଜିଲ୍ଲାରେ ଜିଲ୍ଲାରେ କମ୍ରେଡ୍ମାନଙ୍କ ସହିତ ଘୁରିଛନ୍ତି, ସମର୍ଥକମାନଙ୍କ ସହିତ କଥା ହୋଇଛନ୍ତି, ସେମାନଙ୍କୁ ସେମାନଙ୍କର ସମସ୍ତ ଶକ୍ତି ଦେଇ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆବେଦନ କରିଛନ୍ତି। ଶେଷରେ ରାଜ୍ୟସ୍ତରୀୟ ସଭା ଅନୁଷ୍ଠିତ ହୁଏ। କମ୍ରେଡ୍ମାନେ ମଧ୍ୟ ଖୁବ୍ ଉତ୍ସାହିତ ହୁଅନ୍ତି। ଆହୁରି ମଧ୍ୟ ତାଙ୍କ ପ୍ରଚେଷ୍ଟାରେ ଏବଂ ଅନ୍ୟାନ୍ୟ କମ୍ରେଡ୍ମାନଙ୍କ ସହଯୋଗିତାରେ ରା ରେ ଦରଦାମ୍ ବୃଦ୍ଧି ବିରୁଦ୍ଧରେ ଓ ଜନଜୀବନର ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଆମ ଦଳ ନେତୃତ୍ୱରେ ଆନ୍ଦୋଳନ ସଂଗଠିତ ହୁଏ। ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ବିକ୍ଷୋଭ ଶୋଭାଯାତ୍ରା ଉପରେ ପୋଲିସ ଲାଠିଚାର୍ଜ କରେ ଓ ବହୁ କମ୍ରେଡ୍ ଆହତ ହୁଅନ୍ତି। ଏହି ଧରଣର ଆନ୍ଦୋଳନ ବିହାର ବା ଝାଡଖଣ୍ଡରେ ଏହା ପୂର୍ବରୁ କେବେ ହୋଇ ନାହିଁ। ଏହା ଦ୍ୱାରା କର୍ମୀମାନଙ୍କ ମଧ୍ୟରେ ମିଲିଟା ଆନ୍ଦୋଳନ ଗଢିତୋଳିବାର ମାନସିକ ଶକ୍ତି ସୃଷ୍ଟି ହୁଏ, ସେମାନେ ଶକ୍ତି ପାଆନ୍ତି।

ପରବ ୀ ସମୟରେ ଝାଡଖଣ୍ଡରେ ବିଭିନ୍ନ ବସ୍ତି ଉଚ୍ଛେଦ ହେଉଥିଲା। ବିସ୍ଥାପିତ ବସ୍ତି ବାସିନ୍ଦାମାନେ ଅନ୍ୟାନ୍ୟ ଦଳ ନିକଟକୁ ସାହାଯ୍ୟ ଆଶାରେ ଯାଆନ୍ତି, କିନ୍ତୁ କେହି ସେମାନଙ୍କ କଥା ଶୁଣି ନାହାନ୍ତି। ଆମ ଦଳ ସେମାନଙ୍କୁ ସମର୍ଥନ କରି ଆଗେଇ ଆସେ ଓ କମ୍ରେଡ୍ ରବୀନ୍ ସମାଜପତିଙ୍କ ଉଦ୍ୟୋଗରେ 'ବସ୍ତି ବଂଚାଅ କମିଟି' ଗଠିତ ହୋଇ ଆନ୍ଦୋଳନ ଆରମ୍ଭ ହୁଏ। ଦିନ ପରେ ଦିନ ଏହି ଆନ୍ଦୋଳନ ଚାଲେ। ଆନ୍ଦୋଳନକୁ ଦମନ କରିବା ପାଇଁ ବୁଲ୍ଡୋଜର ସହିତ ପୋଲିସ୍, ଅର୍ଦ୍ଧସାମରିକ ବାହିନୀ, ର୍ୟାପ୍‌କୁ ସରକାର ଓହ୍ଲାଇ ଦିଅନ୍ତି। ମାତ୍ର ସବୁ କିଛି ବ୍ୟର୍ଥ ହୁଏ। ମହିଳାମାନେ ରାସ୍ତାରେ ଶୋଇ ପଡି ପ୍ରତିରୋଧ କରନ୍ତି। ବାରମ୍ବାର ବସ୍ତି ଉଚ୍ଛେଦ ପାଇଁ ଆକ୍ରମଣ ଘନେଇ ଆସେ ଆଉ ପ୍ରତି ଥର ବସ୍ତିବାସିନ୍ଦାମାନେ ପ୍ରତିରୋଧ କରନ୍ତି। ମାସ ମାସ ଧରି ଏହି ପ୍ରତିବାଦ ଚାଲୁ ରହେ, ବହୁ ପ୍ରତିବାଦକାରୀ ବସ୍ତିବାସିନ୍ଦାମାନେ ପାର୍ଟି ପ୍ରତି ଆକର୍ଷିତ ହୁଅନ୍ତି।

କମ୍ରେଡ୍ ରବୀନ୍ ସମାଜପତି ବିହାରରେ ଥିବା ସମୟରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ୟୋଗ ଗ୍ରହଣ କରିଥିଲେ, ତା'ହେଉଛି, ମହାନ୍ ସାହିତ୍ୟିକ ଶରତଚନ୍ଦ୍ର ଏବଂ ପ୍ରେମ୍‌ଚନ୍ଦଙ୍କ ଜୟନ୍ତୀ ପାଳନ। ସେ ହିଁ ବିହାରରେ ପ୍ରଥମେ ଏହା ଆରମ୍ଭ କରିଥିଲେ। ପରେ ଝାଡଖଣ୍ଡରେ ଏହିଭଳି କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ ହୋଇଥିଲା, ଏବେ ବି ଏହା ହେଉଛି। ବହୁ ଛାତ୍ର-ଯୁବକ, ସାଧାରଣ ଲୋକଙ୍କୁ ସାମିଲ କରି ବିଭିନ୍ନ ମହାମନୀଷୀ, ବୀର ଆଦିବାସୀ ଯୋଦ୍ଧାଙ୍କ ସମେତ ବିଭିନ୍ନ ବିପ୍ଳବୀମାନଙ୍କର ସ୍ମରଣ ଦିବସ, ଜନ୍ମ ଜୟନ୍ତୀ ପାଳନ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ସେଠାରେ ଏବେ ମଧ୍ୟ ହେଉଛି।

କମ୍ରେଡ୍ ରବୀନ୍ ସମାଜପତିଙ୍କର ବିଭିନ୍ନ କାର୍ଯ୍ୟକ୍ରମରେ ଭୂମିକା ତଥା ତାଙ୍କର କାମ କରିବାର ଶୈଳୀ ଦଳର ଯେଉଁ କର୍ମୀ-ସଂଗଠକମାନେ ଦେଖିଛନ୍ତି, ସମସ୍ତେ ହିଁ କହିଛନ୍ତି, ସେ ଏଭଳି ଜଣେ ସଂଗଠକ ଥିଲେ ଯିଏ କେବେ ବି ସାମାନ୍ୟ ଆତ୍ମପ୍ରଚାର ଚାହିଁ ନାହାନ୍ତି। ତାଙ୍କ ମଧ୍ୟରେ କୌଣସି ଇଗୋ, କୌଣସି ଅହଂକାର ନଥିଲା ବା ମୁଁ ଏଇଆ କରଛ, ସେଇଆ କରଛ, ଏସବୁ ବଖାଣବାର ପ୍ରବଣତା ନଥିଲା। ବାସ୍ତବରେ ସେ ଥିଲେ ଇମ୍‌ପରସନାଲ କ୍ୟାରେକ୍ଟର (ନୈର୍ବ୍ୟକ୍ତିକ ଚରିତ୍ର), ସମ୍ବେଦନଶୀଳ, ଦରଦୀ ମନ ଓ ନମ୍ର ଆଚରଣର ଅଧିକାରୀ। ସାନ ବଡ ନର୍ବିଶେଷରେ ଯେଉଁମାନେ ହିଁ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି ସମସ୍ତଙ୍କ ଉପରେ ହିଁ ସେ ଏକ ଗଭୀର ଛାପ ପକାଇଛନ୍ତି, ସେମାନେ କମ୍ରେଡ୍ ରବୀନ୍ ସମାଜପତିଙ୍କୁ କଦାପି ଭୁଲି ପାରିବେ ନାହିଁ।

ଏହିଭଳି ଏକ ଉନ୍ନତ ଚରିତ୍ର ତଥା ବିପ୍ଳବୀ ଆନ୍ଦୋଳନରେ ଥିବା ତାଙ୍କର ଅଗ୍ରଣୀ ଭୂମିକାର ଉତ୍ସ କେଉଁଠି ? ଏହାର ଉତ୍ସ ହେଉଛି ମହାନ୍ ମାର୍କ୍ସବାଦୀ ଚିନ୍ତାନାୟକ କମ୍ରେଡ୍ ଶିବଦାସ ଘୋଷଙ୍କ ଶିକ୍ଷା। କମ୍ରେଡ୍ ଶିବଦାସ ଘୋଷଙ୍କ ଶିକ୍ଷାକୁ କମ୍ରେଡ୍ ରବୀନ୍ ସମାଜପତି ନିଜର ଜୀବନ ଦର୍ଶନ, ଏକ ମାର୍ଗଦର୍ଶିକାଭାବେ ଗ୍ରହଣ କରିଥିଲେ ଏବଂ ଏହି ଶିକ୍ଷାକୁ ନେଇ ହିଁ ସେ ଆଜୀବନ ସାଧନା କରିଯାଇଛନ୍ତି। ଆଜି କମ୍ରେଡ୍ମାନେ ତାଙ୍କ ପାଇଁ ଆଖିରୁ ଲୁହ ଝରାଉଛନ୍ତି, ଆବେଗ-ରୁଦ୍ଧ କଣ୍ଠରେ ତାଙ୍କ ସମ୍ପର୍କରେ କହୁଛନ୍ତି। ଏହା ତାଙ୍କର ପ୍ରାପ୍ୟ। ତାଙ୍କର ଚରିତ୍ର ଯୋଗୁଁ ହିଁ ଏହା ତାଙ୍କର ପ୍ରାପ୍ୟ। ତାଙ୍କ ଜୀବନ ସହିତ ମୁଁ ଘନିଷ୍ଠ ଭାବେ ଯୁକ୍ତ ଥିଲି। ଫଳରେ ଏହି କଥାସବୁ ଆଜି ଯେ ମୋତେ ଏଠାରେ କହିବାକୁ ହେଉଛି, ଏହା ଯେତେବେଳେ ଭାବେ ଖୁବ୍ କଷ୍ଟ ହୁଏ, ଏହା ମୋତେ ଖୁବ ବେଦନା ଦିଏ। ମୁଁ ତାଙ୍କୁ ବହୁ ସମୟରେ ସମାଲୋଚନା କରିଛି। କମ୍ରେଡ୍ ଶିବଦାସ ଘୋଷଙ୍କ ଶିକ୍ଷାକୁ ଭିିକରି ହିଁ ଆମ ଦଳରେ ଆମ୍ ସମାଲୋଚନା, ସମାଲୋଚନା ଚାଲେ। କମ୍ରେଡ୍ ଶିବଦାସ ଘୋଷ ଅନ୍ୟ ନେତାମାନଙ୍କର ସମାଲୋଚନା କରିଛନ୍ତି, ମୋର ମଧ୍ୟ କରିଛନ୍ତି। ମୁଁ ଏବେ ନେତାମାନଙ୍କର ସମାଲୋଚନା କରେ। ସେମାନଙ୍କ ପ୍ରତି ଥିବା ଗଭୀର ଭଲ ପାଇବା ଓ ମମତାରୁ ଏହି ସମାଲୋଚନା କରାଯାଏ ଏବଂ ଏହାର ଏକମାତ୍ର ଉଦ୍ଦେଶ୍ୟ ହେଲା, ସେମାନଙ୍କୁ ବିପ୍ଳବୀ ଭାବେ ଗଢି ତୋଳିବା।

ଗତ ମେ ମାସରେ ଯେତେବେଳେ କମ୍ରେଡ୍ ରବୀନ୍ ସମାଜପତି ଚିକିତ୍ସା ନିମନ୍ତେ କଲିକତା ଆସିଥିଲେ, ସେତେବେଳେ ଝାଡଖଣ୍ଡ ପାର୍ଟି ସଂଗଠନର କିଛି ସମସ୍ୟା ନେଇ ଆଲୋଚନା କଲାବେଳେ ମୁଁ ତାଙ୍କୁ ସମାଲୋଚନା କରିଥିଲି। ଉ ରରେ ସେ ମଧ୍ୟ ମୋର ସମାଲୋଚନା କରି କହିଥିଲେ, 'ପ୍ରଭାସ ଦା ! ଖୁବ୍ ଡେରି କରି ପକାଇଲେ। ମୁଁ ତ ଆଉ ବେଶୀ ଦିନ କିଛି କରି ପାରିବି ନାହିଁ।' ମୁଁ କହିଲି, କାହିଁକି ? ସେ କହିଲେ, 'ମୋର ଯାହା ସ୍ୱାସ୍ଥ୍ୟ ଅବସ୍ଥା, ମୁଁ ଆଉ ବେଶୀ ଦିନ ବ ବି ନାହିଁ।' ମୁଁ କହିଲି, 'ସେ କ'ଣ ? ତୁମେ ତ ମୋ ଠାରୁ ଅନେକ ସାନ।' ସେ କହିଲେ, 'ଆପଣଙ୍କୁ ଆହୁରି ଅନେକ ଦିନ ବ ବାକୁ ହେବ, କିନ୍ତୁ ମୋର ସେ ସ୍ୱାସ୍ଥ୍ୟ ଆଉ ନାହିଁ।' ଏହି କଥାଗୁଡ଼ିକ ଯେ ଏତେ ଅଳ୍ପ ଦିନ ମଧ୍ୟରେ ଏତେ ନିଷ୍ଠୁର ବାସ୍ତବ ହୋଇ ଦେଖା ଦେବ ତାହା ମୁଁ ସେଦିନ ଭାବି ପାରି ନାହିଁ।

କମ୍ରେଡ୍ସ୍, ଉଭୟ ଆନ୍ତର୍ଜାତିକ ଏବଂ ଜାତୀୟ ପରିସ୍ଥିତି ଆଜି ଖୁବ୍ ଭୟାବହ। ମାର୍କିନ୍ ସାମ୍ରାଜ୍ୟବାଦର ସାହାଯ୍ୟ ନେଇ ଇସ୍ରାଏଲ ପାଲେଷ୍ଟାଇନ୍‌ର ଗାଜା ଏବଂ ଅନ୍ୟାନ୍ୟ ସ୍ଥାନରେ ହଜାର ହଜାର ନିରୀହ ଲୋକଙ୍କୁ ହତ୍ୟା କରୁଛି। ଆମେରକା ସାମ୍ରାଜ୍ୟବାଦୀମାନେ ଇରାନ୍ ଆକ୍ରମଣ କରିଛନ୍ତି। ସେଠାରେ ହଜାର ହଜାର ଲୋକଙ୍କ ଜୀବନ ଯାଇଛି। ଆମେରିକା ଭେନିଜୁଏଲାର ରାଷ୍ଟ୍ରପତିଙ୍କୁ ମିଥ୍ୟା ଅଭିଯୋଗରେ ମଧ୍ୟରାତ୍ରୀରେ ବନ୍ଦୀ କରି ଉଠାଇ ନେଇ ଯାଇଛି। ବିଶ୍ୱବ୍ୟାପୀ ଆମେରିକା ସାମ୍ରାଜ୍ୟବାଦର ଏହି ଆକ୍ରମଣ ଜାରି ରହିଛି। ଆଜି ସମାଜତାନ୍ତ୍ରିକ ଶିବିର ନାହିଁ, କମ୍ୟୁନିଷ୍ଟ ଆନ୍ଦୋଳନର ଜୁଆର ନାହିଁ। ଏକଥା ଠିକ୍ ଯେ, ଦେଶେ ଦେଶେ ବିକ୍ଷୋଭ-ଆନ୍ଦୋଳନ ହେଉଛି। କିଛି ବର୍ଷ ପୂର୍ବେ ଆମେରିକାରେ କେତେ ମାସ ଧରି 'ଅକ୍ୟୁପାଇ ୱାଲ୍‌ଷ୍ଟ୍ରିଟ୍ ଆନ୍ଦୋଳନ' ଚାଲିଲା। ସମ୍ପ୍ରତି ପାଲେଷ୍ଟାଇନ୍ ସପକ୍ଷରେ ଆମେରିକାରେ 'ନୋ କିଙ୍ଗସ୍' ସ୍ଲୋଗାନ ଦେଇ ଆନ୍ଦୋଳନର ଢେଉ ଉଠିଛି। ୟୁରୋପ ସମେତ ଦେଶେ ଦେଶେ ବିକ୍ଷୋଭର ଉ ାଳ ଜୁଆର ଉଠୁଛି, ପୁଣି ସ୍ତିମିତ ହୋଇ ଯାଉଛି। ଏହି ଆନ୍ଦୋଳନଗୁଡ଼ିକୁ ସଠିକ୍ ରାସ୍ତାରେ ପରିଚାଳନା କରିବା ପାଇଁ କୌଣସି ଯଥାର୍ଥ କମ୍ୟୁନିଷ୍ଟ ପାର୍ଟି ନାହିଁ। ଆମେ ଜାଣୁ କମ୍ରେଡ୍ ଶିବଦାସ ଘୋଷ ଲେନିନ୍ ପରବ ୀ ସମୟରେ ମାର୍କ୍ସବାଦ-ଲେନିନ୍‌ବାଦକୁ ଉନ୍ନତ, ବିକଶିତ ଓ ସମୃଦ୍ଧ କରିଛନ୍ତି, ଆଜିକାର ଦିନରେ କିଭଳିଭାବେ ଗୋଟିଏ କମ୍ୟୁନିଷ୍ଟ ପାର୍ଟି ଗଢି ତୋଳିବାକୁ ହେବ ସେହି ଶିକ୍ଷା ରଖି ଯାଇଛନ୍ତି। ଏହି ଶିକ୍ଷାକୁ ବାଦ ଦେଇ କୌଣସି ଦେଶରେ ଯଥାର୍ଥ କମ୍ୟୁନିଷ୍ଟ ପାର୍ଟି ଗଢି ଉଠି ପାରେନା। କିନ୍ତୁ ଆନ୍ତର୍ଜାତିକ କ୍ଷେତ୍ରରେ ଏହି କଥାଗୁଡ଼ିକୁ କିଏ ପହ ାଇ ଦେବ ? ଆମ ଦଳ ଉପରେ ଏହି ଐତିହାସିକ ଦାୟିତ୍ୱ ପଡିଛି। ଯଦି ଆମେ ଦ୍ରୁତ ଶକ୍ତିଶାଳୀ ପାର୍ଟି ସଂଗଠନ ଗଢି ତୋଳି ପାରୁ, ତାହେଲେ ଯାଇ ଆମେ ବଭନ୍ନ ଦେଶର କମ୍ୟୁନିଷ୍ଟ ମନୋଭାବାପନ୍ନ ଦଳଗୁଡ଼ିକ ନିକଟରେ କମ୍ରେଡ୍ ଶିବଦାସ ଘୋଷଙ୍କର ଏହି ଅମୂଲ୍ୟ ଶିକ୍ଷାଗୁଡ଼ିକୁ ପହ ାଇ ଦେଇପାରିବା।

ଆମ ଦେଶର ପରିସ୍ଥିତି ମଧ୍ୟ ଭୟାବହ। ରାଜନୈତିକ, ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ, ପାରିବାରିକ, ନୈତିକ, ଜୀବନର ସମସ୍ତ କ୍ଷେତ୍ର ହିଁ ଏକ ସର୍ବଗ୍ରାସୀ ସଂକଟ ଦ୍ୱାରା କବଳିତ। କେନ୍ଦ୍ର ଏବଂ ବହୁ ରାଜ୍ୟରେ ବିଜେପି କ୍ଷମତାସୀନ। ପୁଞ୍ଜିବାଦର ସ୍ୱାର୍ଥରେ କଂଗ୍ରେସ ଯେଉଁ ଫାସୀବାଦ କାଏମ କରିଥିଲା, ବିଜେପି ତାହାକୁ ଆହୁରି ମଜଭୁତ୍ କରୁଛି, ଶକ୍ତିଶାଳୀ କରୁଛି। ଏକଚାଟିଆ ପୁଞ୍ଜି, ମଲଟିନ୍ୟାସନାଲ କମ୍ପାନୀମାନେ ଦେଶର ସମସ୍ତ ସମ୍ପଦ ଆତ୍ମସାତ୍ କରୁଛନ୍ତି। ଜନ ସଂଖ୍ୟାର ୫ ଶତାଂଶ ଲୋକ ଦେଶର ସମୁଦାୟ ସମ୍ପଦର ୬୫ ଶତାଂଶର ମାଲିକ। ବାକି ୯୫ ଶତାଂଶ ହେଉଛନ୍ତି ଶୋଷିତ ଏବଂ ତା ମଧ୍ୟରେ ବି ୯୦ ଶତାଂଶ ହେଉଛନ୍ତି ସର୍ବହରା, ଅର୍ଦ୍ଧସର୍ବହରା, ଭିକାରୀ। ମଧ୍ୟବି ନିମ୍ନ ମଧ୍ୟବି ହେଉଛନ୍ତି, ନିମ୍ନ ମଧ୍ୟବି ସର୍ବହରାରେ ପରିଣତ ହେଉଛନ୍ତି। ରାଜନୀତି ଆଜି ନୀତି ହୀନ। ଚୂଡାନ୍ତ ଦୁର୍ନୀତି, ମିଥ୍ୟାଚାର, କପଟତା, ପ୍ରତାରଣା ହେଉଛି ଆଜି ରାଜନୀତିର ବୈଶିଷ୍ଟ୍ୟ। ନୀତି-ନୈତିକତା, ମନୁଷ୍ୟତ୍ୱ ଆଜି ଧ୍ୱଂସପ୍ରାୟ। କମ୍ରେଡ୍ ଶିବଦାସ ଘୋଷ କହିଥିଲେ, ଫାସିବାଦ ମଣିଷ ଗଢି ଉଠିବାର ପ୍ରକ୍ରିୟାକୁ ହିଁ ଧ୍ୱଂସ କରିଦିଏ। ଦେଶରେ ମଣିଷ ବୋଲି ଆଉ କେହି ରହନ୍ତି ନାହିଁ। ଆମେ ସେହି ଅବସ୍ଥା ଆଜି ପ୍ରତ୍ୟକ୍ଷ କରୁଛୁ। ନୀତି-ନୈତିକତା, ମନୁଷ୍ୟତ୍ୱର ସଂକଟ ପ୍ରବଳ। ଯୁବ ସମାଜ ପଥଭ୍ରଷ୍ଟ। ଯୁବ ସମାଜ ମଧ୍ୟରେ ଡ୍ରଗସ୍ ଏଡିକ୍ସନ୍, ମୋବାଇଲ ଏଡିକ୍ସନ୍, ସେକ୍ସ ଏଡିକ୍ସନ୍ ଏବଂ ଏହିଭଳି ଆହୁରି ନାନା ଧରଣର ଏଡିକ୍ସନ୍ ଦିନ ପରେ ଦିନ ବଢି ଚାଲିଛି। ଏହି ମୁହୂ ରେ ବ ମାନ ହିଁ ଦେଶ ସାରା କେତେ କୃଷକ-ଶ୍ରମିକ କ୍ଷୁଧାର ଜ୍ୱାଳାରେ, ଋଣର ଜ୍ୱାଳାରେ ଆତ୍ମହତ୍ୟା କରୁଛନ୍ତି। କେତେ ନାରୀ ଆକ୍ରାନ୍ତ ହୋଇ ଆ ର୍ନାଦ କରୁଛନ୍ତି। ଏହି ପରିସ୍ଥିତିର ମୁକାବିଲା କରିବ କିଏ ? କିଏ ସେହି ଶକ୍ତି ? ଏକମାତ୍ର ଶକ୍ତି ହେଉଛି କମ୍ରେଡ୍ ଶିବଦାସ ଘୋଷଙ୍କ ଦ୍ୱାରା ପ୍ରତିଷ୍ଠିତ ଦଳ ସର୍ବହରା ବିପ୍ଳବୀ ଦଳ ଏସ୍ୟୁସିଆଇ(କମ୍ୟୁନିଷ୍ଟ)। ଏକମାତ୍ର ଆମେ ହିଁ ପାରିବା। ସେଥିପାଇଁ ଆମ ଦଳର ବିସ୍ତାର ପ୍ରୟୋଜନ, ସଂଗଠନର ବିସ୍ତାର ପ୍ରୟୋଜନ। ଆମ କର୍ମୀମାନଙ୍କର ରାଜନୈତିକ ଚେତନାର ମାନ, ଚାରିତ୍ରିକ ମାନ, ସର୍ବଦିଗରୁ ଆହୁରି ଉନ୍ନତ ହେବା ପ୍ରୟୋଜନ। ଯେଉଁଭଳି ଭାବେ ଯେଉଁ ସଂଗ୍ରାମ ମଧ୍ୟଦେଇ କମ୍ରେଡ୍ ରବୀନ୍ ସମାଜପତି ଗଢି ଉଠିଥିଲେ, ସେହି ସଂଗ୍ରାମ ପ୍ରୟୋଜନ। ଯେଉଁଭଳି ଭାବେ ସେ ନିଜକୁ ସର୍ବାତ୍ମକ ସଂଗ୍ରାମ ମଧ୍ୟଦେଇ ଗଢି ତୋଳିଥିଲେ, ଆଜିକାର ଦିନରେ ତାଙ୍କୁ ଶ୍ରଦ୍ଧାଞ୍ଜାପନ କରିବାକୁ ଯାଇ କମ୍ରେଡ୍ମାନଙ୍କୁ ସେହି ସଂଗ୍ରାମକୁ ହିଁ ସ୍ମରଣ କରିବାକୁ ହେବ। ଆଜି ଏହି ସଭାରେ ତଥା ଏହି ସଭା ମଂଚରେ ତାଙ୍କଠାରୁ ଥିବା ସିନିୟର କମ୍ରେଡ୍ମାନଙ୍କୁ ମୁଁ ଘନିଷ୍ଠଭାବେ ଜାଣେ। ସେମାନଙ୍କର ମଧ୍ୟ କମ୍ରେଡ୍ ରବୀନ୍ ସମାଜପତିଙ୍କ ନିକଟରୁ ଅନେକ କିଛି ଶିଖିବାର ଅଛି। ଜୁନିୟର କମ୍ରେଡ୍ମାନଙ୍କର ମଧ୍ୟ ତାଙ୍କ ଜୀବନ ସଂଗ୍ରାମରୁ ଅନେକ କିଛି ଶିଖିବାର ଅଛି, ସମସ୍ତଙ୍କର ହିଁ ଶିଖିବାର ଅଛି। ସେହିଭଳି ଭାବେ ଯଦି କମ୍ରେଡ୍ ଶିବଦାସ ଘୋଷଙ୍କ ଉପଯୁକ୍ତ ଛାତ୍ର ହସାବରେ ନିଜକୁ ଗଢିତୋଳିବା ପାଇଁ, ମାର୍କ୍ସବାଦ-ଲେନିନ୍‌ବାଦ-କମ୍ରେଡ୍ ଶିବଦାସ ଘୋଷଙ୍କ ଚିନ୍ତା ବହନ କରିବା ପାଇଁ ଆପଣମାନେ ପ୍ରତିଜ୍ଞାବଦ୍ଧ ହୋଇ ଯାହାର ଯେଉଁ ଜାଗାରେ ତ୍ରୁଟି-ବିଚ୍ୟୁତି, ସୀମାବଦ୍ଧତା ଅଛି, ତା ବିରୁଦ୍ଧରେ ସଂଗ୍ରାମ କରି ଆଗେଇ ଯାଆନ୍ତି, ତାହେଲେ ଯାଇ ଏହି ସ୍ମରଣ ସଭାର ସାର୍ଥକତା ରହିବ। ତା ନହେଲେ ଆମେ ଯେତେ ଆବେଗ ପ୍ରକାଶ କଲେ ବି, ଆଖିରୁ ଲୁହ ଝରାଇଲେ ବି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜାପନର କୌଣସି ସାର୍ଥକ ଅର୍ଥ ରହିବ ନାହିଁ। ଏହିଭଳି ଭାବରେ ହିଁ ଆପଣମାନେ ଭାବିବେ, ବିଚାର କରିବେ। ଏହି ଆବେଦନ ରଖି ମୁଁ ମୋର ବକ୍ତବ୍ୟ ଏଠାରେ ଶେଷ କରୁଛି।

**କମ୍ରେଡ୍ ରବୀନ୍ ସମାଜପତି-ଲାଲ୍ ସଲାମ୍**
**କମ୍ରେଡ୍ ଶିବଦାସ ଘୋଷ-ଲାଲ୍ ସଲାମ୍**
**ଏସୟୁସିଆଇ(କମ୍ୟୁନିଷ୍ଟ) ଜିନ୍ଦାବାଦ**

Regd.No-ORI ORI/2011/37220 ● VOL. NO. 13, ISSUE NO. 32 ● ମୂଲ୍ୟ-୫ଟଙ୍କା

# ରାଉରକେଲାଠାରେ ଶିକ୍ଷାବଞ୍ଚାଅ କମିଟି ପକ୍ଷରୁ ଆଲୋଚନା ଚକ୍ର



ସ୍କୁଲରେ ଷଡମାସିକ ପରୀକ୍ଷା ହେବାକୁ ଯାଉଛି ମାତ୍ର ଏ ପର୍ଯ୍ୟନ୍ତ ପିଲାଙ୍କୁ ବହି ଯୋଗାଇ ଦିଆଯାଇନାହିଁ। ସୂଚନାଯୋଗ୍ୟ ଚଳିତ ବର୍ଷ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ପ୍ରକାଶିତ ପାଠ୍ୟ ପୁସ୍ତକରେ ତିନି ହାଜରରୁ ଉର୍ଦ୍ଧ୍ୱ ଭୁଲ୍ ରହିଛି, ଯାହାଫଳରେ ସ୍କୁଲ ପାଠପଢ଼ାରେ ସମ୍ପୂର୍ଣ୍ଣ ଅଚଳାବସ୍ଥା ସୃଷ୍ଟି ହୋଇଛି। କେବଳ ବନାନଗତ ତ୍ରୁଟି ନୁହେଁ ବହୁ ମୌଳିକ ଓ ବିଚାର ଗତ ବିଭ୍ରାନ୍ତି ଉଦ୍ଦେଶ୍ୟମୂଳକ ଭାବରେ ପାଠ୍ୟ ପୁସ୍ତକରେ ଭର୍ତି କରାଯାଇଛି। ଏପରିକି ବହୁ କୁସଂସ୍କାର ଓ ଅନ୍ଧ ବିଶ୍ୱାସ ମଧ୍ୟ ପାଠ୍ୟ ପୁସ୍ତକରେ ସ୍ଥାନିତ କରାଯାଇଛି। ଏହାର ପ୍ରତିବାଦରେ ସାରା ଓଡିଶା ଶିକ୍ଷା ବଂଚାଅ କମିଟି ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ଚାଲିଛି। ଏହି ଆନ୍ଦୋଳନର ଧାରାବାହିକତାରେ ସଙ୍ଗଠନର ରାଉରକେଲା ଶାଖା ପକ୍ଷରୁ ଶିକ୍ଷକ, ଅଭିଭାବକ, ବୁଦ୍ଧିଜୀବୀ, ବିଶିଷ୍ଟ ବ୍ୟକ୍ତି ବିଶେଷ ମାନଙ୍କୁ ନେଇ ଏକ ଆଲୋଚନା ଚକ୍ର ଛେ ସ୍ଥିତ ଗୋପବନ୍ଧୁ ପାଠାଗାର ଠାରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ରାଉରକେଲା ଶାଖା ଉପ ସଭାପତି ଶ୍ରୀଯୁକ୍ତ ଗଗନ ବିହାରୀ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଶିକ୍ଷାବିତ ତଥା ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର ମଞ୍ଜୁଳା କୁମାରୀ ରଥ, ରଶ୍ମୀବାଳା ରାଉତରାୟ, ଡାକ୍ତର ଗୀତାଞ୍ଜଳି ପତ୍ରୀ, ସଙ୍ଗଠନର ସୁନ୍ଦରଗଡ଼ ଶାଖାର କର୍ମକର୍ତା ଅବସରପ୍ରାପ୍ତ ଶିକ୍ଷକ ସର୍ବଶ୍ରୀ ବକେଶ୍ୱର ମହାନ୍ତ, ଅଶୋକ କୁମାର ଶୁକ୍ଲା, ଶରତ କୁମାର ପାତ୍ର ପ୍ରମୁଖ ବହି ସଙ୍କଟ ଉପରେ ବିଭିନ୍ନ ଦିଗରୁ ଆଲୋଚନା କରିଥିଲେ। ସ । ର । ଭାରତ ଶିକ୍ଷା ବଂଚାଅ କମିଟିର ରାଜ୍ୟ ସମ୍ପାଦକ ସୁବାସ ନାୟକ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସାମାନ୍ୟ ଭୁଲ୍ ନୁହେଁ ବରଂ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ସଂପୂର୍ଣ୍ଣ ଧ୍ୱଂସ କରିବା ପାଇଁ ଏକ ଷଡ଼ଯନ୍ତ୍ର ବୋଲି ଦର୍ଶାଇଥିଲେ। ଅବିଳମ୍ବେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ପୁରୁଣା ବହିରେ ପାଠପଢ଼ା ଆରମ୍ଭ କରିବା ପାଇଁ ଆଲୋଚନା ଚକ୍ରରେ ସର୍ବସମ୍ମତି କ୍ରମେ ଦାବି କରାଯାଇଥିଲା। ପରବର୍ତୀ ସମୟରେ ସ୍ଥାନୀୟ ପ୍ରଶାସନ ଜରିଆରେ ଏହି ଦାବି ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଗୋପାଳ ପ୍ରସାଦ ଜେନା, ବିମଳ ଦାସ, ଆର. ମଲ୍ଲିକ, ଡାକ୍ତର ଅସିତ ରାଜା ପ୍ରମୁଖ ଉପସ୍ଥିତ ରହି ଆଲୋଚନା ଚକ୍ରରେ ଭାଗ ନେଇଥିଲେ। ତ୍ରିନାଥ ବିଶୋଇ, ପ୍ରବୋଧ ଚନ୍ଦ୍ର ଜେନା, ଚନ୍ଦ୍ରଶେଖର ରାଉତ, ସଂଜୟ ମଲ୍ଲିକ, ତୀର୍ଥବାସୀ ମିଶ୍ର, ବିଜୟ କୁମାର ପ୍ରଧାନ, ଶ୍ରୀନିବାସ ନାୟକ, ବାୟକୁଣ୍ଠା ସାହୁ, କମ୍ୟୁନିଷ୍ଟ ଗୌଡ଼ ପ୍ରମୁଖ ଅବସରପ୍ରାପ୍ତ ଶିକ୍ଷକଙ୍କ ସହିତ ସହରର ବହୁ ବୁଦ୍ଧିଜୀବୀ, ଅଭିଭାବକ ଓ ସାମାଜିକ କର୍ମୀ ଆଲୋଚନା ସଭାରେ ଯୋଗଦାନ କରିଥିଲେ।

# ନାଉଗାଁ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଡେପୁଟେସନ୍

ସରକାରୀ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ରେ କାର୍ଯ୍ୟରତ ପାଚିକା ସହାୟିକାଙ୍କୁ ଗତ ତିନି ମାସ ଧରି ପାରିଶ୍ରମିକ ପ୍ରଦାନ କରାଯାଇନାହିଁ। ଅବିଳମ୍ବେ ସେମାନଙ୍କୁ ପାରିଶ୍ରମିକ ପ୍ରଦାନ କରିବା ଦାବିରେ ଗତ ସେପ୍ଟେମ୍ବର ୧୭ ତାରିଖ ଦିନ ଏକ ପ୍ରତିନିଧି ମଣ୍ଡଳୀ ନାଉଗାଁ ବ୍ଲକ୍ ଶିକ୍ଷା ଅଧିକାରୀ ଙ୍କୁ ତାଙ୍କ ଅଫିସରେ ସାକ୍ଷାତ କରି ପାରିଶ୍ରମିକ ପ୍ରଦାନ ପାଇଁ ଦାବି କରିଥିଲେ। ଏସ୍ୟୁସିଆଇ(କମ୍ୟୁନିଷ୍ଟ) ଜଗତସିଂହପୁର ଜିଲ୍ଲା ସାଂଗଠନିକ କମିଟି ସଂପାଦକ କମ୍ରେଡ ସୁବାସ ସ୍ୱାଇଁ ଙ୍କ ନେତୃତ୍ୱରେ କବିତା ସେଠୀ, ପ୍ରଭାତୀ ପରିଡା,ରାଜଶ୍ରୀ ବାରିକ, ଲକ୍ଷ୍ମୀପ୍ରିୟା ବେହୁରା ପ୍ରମୁଖ ବି ଇ ଓ ଙ୍କ ସହିତ ଆଲୋଚନା କରିଥିଲେ। ବିଇଓଙ୍କ ହସ୍ତକ୍ଷେପ ଫଳରେ ଦୁଇ ମାସର ପାରିଶ୍ରମିକ ପ୍ରଦାନ କରାଯାଇଥିଲା। ଅବଶିଷ୍ଟ ଖୁବ୍ ଶୀଘ୍ର ପ୍ରଦାନ କରାଯିବ ବୋଲି ବି ଇ ଓ ପ୍ରତିଶ୍ରୁତି ଦେଇଛନ୍ତି।

# ଖଣି ଆଇନ ପ୍ରତ୍ୟାହାର ଦାବିରେ ବ୍ରହ୍ମପୁର ସହରରେ ଗଣ ବିକ୍ଷୋଭ




ବ୍ରହ୍ମପୁର, ୦୩ ସେପ୍ଟେମ୍ବର ୨୦୧୬: ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ଆଇନ ୨୦୧୬ ପ୍ରତ୍ୟାହାର ଦାବିରେ ଏସ୍ୟୁସିଆଇ(କମ୍ୟୁନିଷ୍ଟ), ସିପିଆଇ(ଏମ୍ ଏଲ୍) ରେଡ୍ ଷ୍ଟାର, ସିପିଆଇ(ଏମ୍ଏଲ୍) ନିଉ ଡେମୋକ୍ରେସି ଏବଂ ସିପିଆଇ(ଏମ୍ଏଲ୍) ଚାରୋଟି ବାମପନ୍ଥୀ ଦଳର ମିଳିତ ଉଦ୍ୟୋଗରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ରୁ ପୁରୁଣା ବସ ଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ ରାଲି ହେବା ସହ ପୁରୁଣା ବସ ଷ୍ଟାଣ୍ଡ ଛକରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ବ୍ରହ୍ମପୁର ବ୍ୟତୀତ ଯାଜପୁର, ଭଦ୍ରକ, ବାଲେଶ୍ୱର, ଯଶୀପୁର, ରାଉରକେଲା, ଅନୁଗୁଳ ପ୍ରଭୃତି ସ୍ଥାନରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ ହୋଇଛି।

# ଚିନି ଓ ଅନ୍ୟାନ୍ୟ ସାମଗ୍ରୀର ଦରବୃଦ୍ଧି ପ୍ରତିବାଦରେ ବିକ୍ଷୋଭ




ଅତ୍ୟାବଶ୍ୟକ ସାମଗ୍ରୀ, ଖାଦ୍ୟ ଦ୍ରବ୍ୟ ବିଶେଷ କରି ଚିନି ଓ ପିଆଜର ଆକାଶଛୁଆଁ ମୂଲ୍ୟ ବୃଦ୍ଧି ଓ କେନ୍ଦ୍ର ଓ ରାଜ୍ୟ ଡବଲ ଇଞ୍ଜିନ ବିଜେପି ସରକାରର ଏ ବାବଦରେ ଅପରାଧୀ ସୁଲଭ ଉଦାସୀନତା ପ୍ରତିବାଦରେ ସେପ୍ଟେମ୍ବର ୫ ତାରିଖରେ ଏସ୍ୟୁସିଆଇ(କମ୍ୟୁନିଷ୍ଟ) କଟକ ଜିଲ୍ଲା କମିଟି ଆହ୍ୱାନରେ ଜିଲ୍ଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପେଟ୍ରୋଲରେ ଇଥାନଲ ମିଶ୍ରଣ କରି ଗୋଟିଏ ଦିଗରେ ଗାଡ଼ି ଖରାପ କରାଯାଉଛି ଓ ଅନ୍ୟ ଦିଗରେ ଇଥାନଲ୍ ପ୍ରସ୍ତୁତି ପାଇଁ ଅଧିକରୁ ଅଧିକ ଆଖୁ ରସ ବ୍ୟବହାର କରାଯାଉଥିବାରୁ ଚିନିର ଦର ଆକାଶଛୁଆଁ ହୋଇଛି ବୋଲି ବିକ୍ଷୋଭକାରୀ ମାନେ ପ୍ରକାଶ କରିଛନ୍ତି। କଳାବଜାରୀ, ମହଜୁଦକାରୀ ଓ ଅସାଧୁ ବ୍ୟବସାୟୀ ମାନେ ସରକାରୀ କଳ ଓ ସରକାରୀ ଦଳର ବାହୁ ଛାୟାରେ ସାଧାରଣ ଲୋକଙ୍କୁ ଲୁଣ୍ଠନ କରୁଛନ୍ତି ବୋଲି ବିକ୍ଷୋଭ ସ୍ଥଳରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବକ୍ତା ମାନେ ପ୍ରକାଶ କରିଥିଲେ। ପାର୍ଟି ଜିଲ୍ଲା ସମ୍ପାଦକ କମ୍ରେଡ୍ ବିଶ୍ୱାବସୁ ଦାସ, ଖଗେଶ୍ୱର ସେଠୀ, ବବି ବଳବନ୍ତରାୟ, ରାଜକିଶୋର ମଲ୍ଲିକ, ବସନ୍ତ ନାୟକ, ଭାଗ୍ୟରବି ଦାସ, ମାଳବିକା ସାମଲ, ଆଇନଜୀବୀ ସୁକାନ୍ତ ନାୟକ, ଦୀପକ ଦାସ, ଅକ୍ଷୟ ରାଉଳ, ସ୍ୱାଧୀନୀ ବେହେରା, ପାଭେଲ ପ୍ରିୟଦର୍ଶନ, ପ୍ରତାପ ମିଶ୍ର, ସିପ୍ରା ମହାନ୍ତି, ସଞ୍ଜୀବ ଜେନା, ବସ୍ତି ନେତା ସୁକାନ୍ତ ନାୟକ, ଭାଗିରଥୀ ଭୋଇ ପ୍ରମୁଖ ବିକ୍ଷୋଭରେ ନେତୃତ୍ୱ ନେଇଥିଲେ।

# ବହି ବିଭ୍ରାଟ, ଏନ୍ଟିଏ ଉଚ୍ଛେଦ ଓ ଅନ୍ୟାନ୍ୟ ଦାବିରେ ଏଆଇଡିଏସ୍ଓର ବିକ୍ଷୋଭ




ବନାନ, ବ୍ୟାକରଣ ଓ ତଥ୍ୟଭିତ୍ତିକ ଭାବେ ନିର୍ଭୁଲ ତଥା ବିଜ୍ଞାନ ସମ୍ମତ ପାଠ୍ୟପୁସ୍ତକ ପ୍ରସ୍ତୁତ କରିବା, ନୂତନ ନିର୍ଭୁଲ ବହି ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ ଗତବର୍ଷର ବହିରେ ଶିକ୍ଷାଦାନ ଜାରି ରଖିବା, ଏନ୍ଟିଏକୁ ସମ୍ପୂର୍ଣ୍ଣ ରଦ୍ଦ କରିବା ଏବଂ ବନ୍ୟା ପ୍ରଭାବିତ ଅଂଚଳର ଛାତ୍ରଛାତ୍ରୀଙ୍କ ସମସ୍ତ ଫି' ଛାଡ଼ କରି ସେମାନଙ୍କୁ ଆବଶ୍ୟକ ପାଠ୍ୟ ଉପକରଣ ଯୋଗାଇଦେବା ଦାବିରେ ଜୁଲାଇ ୨୧ ରେ ଏଆଇଡିଏସ୍ଓ ପକ୍ଷରୁ ଏକ ଛାତ୍ର ବିକ୍ଷୋଭ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ବିକ୍ଷୋଭ ସ୍ଥଳରୁ ଏଆଇଡିଏସ୍ଓ ରାଜ୍ୟ ସଭାପତି କମ୍ରେଡ ସୋମନାଥ ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ବିକ୍ଷୋଭ ସ୍ଥଳରେ ଆୟୋଜିତ ପ୍ରତିବାଦ ସଭାରେ ଏଆଇଡିଏସଓ ରାଜ୍ୟ ସମ୍ପାଦକ କମ୍ରେଡ ସିଦ୍ଧାର୍ଥ ରଥ ସଭାପତିତ୍ୱ କରିଥିଲେ। ରାଜ୍ୟ ଉପସଭାପତି କମ୍ରେଡ ଭାଗ୍ୟରବି ଦାସ, ଅଫିସ ସମ୍ପାଦକ କମ୍ରେଡ ନସିମ ସରକାର, କୋଷାଧ୍ୟକ୍ଷା କମ୍ରେଡ ସପ୍ତର୍ଷିନୀ ରାଉଳ, କମ୍ରେଡ ପରମାନନ୍ଦ ସାହୁ, କମ୍ରେଡ ପ୍ରଶାନ୍ତ ଦାସ, କମ୍ରେଡ ବିନୋଦ ସେଠୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

# ବନ୍ୟାଂଚଳରେ ଦେୟମୁକ୍ତ ଚିକିତ୍ସା ଶିବିର



ମେଡିକାଲ୍ ସର୍ଭିସ୍ ସେ ର ପକ୍ଷରୁ ଯାଜପୁର ଜିଲ୍ଲାର ବନ୍ୟା କ୍ଷତିଗ୍ରସ୍ତ ଦଶରଥପୁର ବ୍ଲକର ଗରଡିହ ଠାରେ ମେଡିକାଲ୍ କ୍ୟାମ୍ପ କରାଯାଇ ବହୁ ସଂଖ୍ୟାରେ ରୋଗୀଙ୍କୁ ଚିକିତ୍ସା କରାଯିବା ସଙ୍ଗେ ସଙ୍ଗେ ଔଷଧ ବିତରଣ କରାଯାଇଛି। ରାଜ୍ୟର ବିଭିନ୍ନ ମେଡିକାଲ୍ କଲେଜର ଡାକ୍ତର, ପାରାମେଡିକାଲ ଷ୍ଟାଫ, ନର୍ସ ଏବଂ ସ୍ୱେଚ୍ଛାସେବୀ ମାନେ ଜନସାଧାରଣଙ୍କୁ ଏହି ବିପଦ ସମୟରେ ଚିକିତ୍ସା ଯୋଗାଇ ଦେବାକୁ ସ୍ଥାନୀୟ ଅଂଚଳରେ ଜନସାଧାରଣ ଓ ବୁଦ୍ଧିଜୀବି ମାନେ ସ୍ୱାଗତ କରିଥିଲେ। ନୃସିଂହ ପଣ୍ଡା, ଚନ୍ଦ୍ରକାନ୍ତ ପଢିହାରୀ, ଶାନ୍ତିଲତା ପଣ୍ଡା, ଶ୍ରୀନିବାସ ବେହେରା ଓ ରାଜକିଶୋର ପଣ୍ଡା ପ୍ରମୁଖ ଏହି ମେଡିକାଲ୍ କ୍ୟାମ୍ପ ପରିଚାଳନାରେ ସାହାଯ୍ୟ କରିଥିଲେ।

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das